ଚିରନ୍ତନୀ

profssmishra@gmail.com

ଚିରନ୍ତନୀ

ଶ୍ରୀ ଗୋବିନ୍ଦଚନ୍ଦ୍ର ସାହୁ ଏମ୍. ଇ. (ରୁରକୀ)
ନିର୍ବାହୀଯନ୍ତ୍ରୀ, ଜଳସେଚନ ଓ ବିଦ୍ୟୁତ୍‌ବିଭାଗ

ପ୍ରକାଶକ
ଗୋପବନ୍ଧୁ ସାହିତ୍ୟ ମନ୍ଦିର
ଗୋପବନ୍ଧୁ ଭବନ, କଟକ-୧

profssmishra@gmail.com

ଚିରନ୍ତନୀ

ସଂକଳକ :

ଇଂ. ଗୋବିନ୍ଦଚନ୍ଦ୍ର ସାହୁ

ପ୍ରକାଶକ :

ଗୋପବନ୍ଧୁ ସାହିତ୍ୟ ମନ୍ଦିର
ଗୋପବନ୍ଧୁ ଭବନ, କଟକ-୭୫୩ ୦୦୧

ମୁଦ୍ରଣ :

ସତ୍ୟବାଦୀ ପ୍ରେସ
ଗୋପବନ୍ଧୁ ଭବନ, କଟକ

୨ୟ ସଂସ୍କରଣ
ଜାନୁୟାରୀ-୧୯୯୦

ମୂଲ୍ୟ : ୨୮ ଟଙ୍କା
ବୋର୍ଡ ବନ୍ଧେଇ ୩୨ ଟଙ୍କା

CHIRANTANI

Compiled by :
Er. Gobinda Chandra Sahoo

Publisher :
Gopabandhu Sahitya Mandir
Cuttack-1

Printer :
Satyabadi Press,
Cuttack-1

Second Edition :
January 1990

Price Rs. 28
Deluxe Bound Rs. 32

profssmishra@gmail.com

ଉତ୍ସର୍ଗ

ଏହି ସଂକଳନଟିକୁ

ମୋର ପୂଜ୍ୟ ପିତା ଶ୍ରୀ ଲୋକନାଥ ସାହୁ

ମାତା ଶ୍ରୀମତୀ ପଦ୍ମାବତୀ ଦେବୀଙ୍କ

କରକମଳରେ ଅର୍ପଣ କଲି ।

ସ୍ନେହର

ଗୋବିନ୍ଦ

profssmishra@gmail.com

ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ଅଭିମତ

ଶ୍ରୀ ଗୋବିନ୍ଦଚନ୍ଦ୍ର ସାହୁଙ୍କ ସଂକଳିତ ସାଧୁବଚନମାନ ପଢ଼ି ମୁଁ ବଡ଼ ଆନନ୍ଦ ଅନୁଭବ କଲି । ସେ ଯେ ଏଡ଼େ ବିଖ୍ୟାତ ଓଡ଼ିଆ ଲେଖକମାନଙ୍କର ଲେଖା ପଢ଼ି ସେମାନଙ୍କର ଉପଦେଶମାନ ସଂଗ୍ରହ କରିପାରି ଅଛନ୍ତି, ସେଥି-ପାଇଁ ସେ ପ୍ରଶଂସାର ପାତ୍ର । ସାରଳା ଦାସଙ୍କଠାରୁ ଆରମ୍ଭ କରି ଶ୍ରୀମଦ୍ ଭାଗବତ ଲେଖକ ଜଗନ୍ନାଥ ଦାସ ଓ ଅନ୍ୟାନ୍ୟ ବିଖ୍ୟାତ ଲେଖକମାନଙ୍କ ଲେଖା ପଢ଼ି ସେଥିରୁ ସଦୁପଦେଶମାନ ନାନା ବିଷୟରେ ସଂଗ୍ରହ କରିପାରି ଅଛନ୍ତି । ତାଙ୍କ ପରି ଯୁବକଙ୍କ ପକ୍ଷରେ ଏ ଗୋଟିଏ ମହତ୍‌କାର୍ଯ୍ୟ । ଏସବ ଉପଦେଶମାନ ଯଦି ଆମର ସ୍କୁଲ କଲେଜର ଯୁବକଯୁବତୀମାନେ ପଢ଼ନ୍ତି ; ତାହାହେଲେ ସେମାନଙ୍କ ମନ ଉଚ୍ଚ ଆଦର୍ଶଆଡ଼କୁ ଗତିକରି ଦେଶ ଓ ସମାଜର କଲ୍ୟାଣ ସାଧନ କରିବ ବୋଲି ମୋର ବିଶ୍ୱାସ । ଶ୍ରୀ ସାହୁ ଏଥିପାଇଁ ଧନ୍ୟବାଦର ପାତ୍ର ।

ତା ୩ । ୧୨ । ୭୧ ସ୍ୱା- ପ୍ରାଣକୃଷ୍ଣ ପରିଜା

profssmishra@gmail.com

ଡକ୍ଟର ହରେକୃଷ୍ଣ ମହତାବଙ୍କ ଅଭିମତ

ଶ୍ରୀ ଗୋବିନ୍ଦଚନ୍ଦ୍ର ସାହୁଙ୍କ ସଂକଳିତ ସୁବଚନମାନ ବାସ୍ତବିକ ସମସ୍ତଙ୍କର ପାଠ୍ୟ । ଇଂରେଜୀ ଓ ଅନ୍ୟ ଭଷାମାନଙ୍କରେ ବିଶିଷ୍ଟ ଲେଖକମାନଙ୍କର ବିଭିନ୍ନ ବିଷୟରେ ଲେଖାମାନଙ୍କର ଅଭିଧାନମାନ ଅଛି । ଏଣୁ ପ୍ରବନ୍ଧ ପ୍ରଭୃତିରେ ସେଥିରୁ ବିଷୟୋପଯୋଗୀ ଉଦ୍ଧାରମାନ କରାଯିବା ସହଜ ହୋଇଥାଏ । ଓଡ଼ିଆରେ ଏହାର ଅଭାବ ଯଥେଷ୍ଟ ବୋଲି ମୋର ଧାରଣା । ଶ୍ରୀ ଗୋବିନ୍ଦଚନ୍ଦ୍ର ସାହୁ ସେ ଅଭାବ ଦୂର କରିଛନ୍ତି । ତାଙ୍କର ପରିଶ୍ରମ ଓ ପ୍ରଚେଷ୍ଟା ପାଇଁ ଧନ୍ୟବାଦ ଅର୍ପଣ କରୁଛି ।

ତା ୮ ୧୨ ୭୧ — ସ୍ୱା- ହରେକୃଷ୍ଣ ମହତାବ

profssmishra@gmail.com

ମୁଖବନ୍ଧ

ବୋଧହୁଏ ୧୯୫୭ ମସିହା । ସ୍ୱର୍ଗତ ନିମାଇଁଚରଣ ଦାସ 'ଗାନ୍ଧି ଶିକ୍ଷାଶ୍ରମ' ଚମ୍ପାପୁରକୁ ତାଙ୍କର ଇଂରଜୀ 'Quotation' ବହି ନେଇ ପ୍ରଚାର ଉଦ୍ଦେଶ୍ୟରେ ଆସିଥାଆନ୍ତି । ବହିଟି ଆଗ୍ରହ ସହକାରେ କିଣି ପଢ଼ିଲି । ସେତେବେଳେ ଇଚ୍ଛା ହେଲା ଏପରି ବହିଟିଏ ଖଣ୍ଡେ ଓଡ଼ିଆରେ ଲେଖିଲେ ହୁଅନ୍ତା ନାହିଁ । ସେହି ବର୍ଷ ଏହି ସଂକଳନର ମୂଳଦୁଆ ପକାଇଥିଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ତା'ପରେ କଲେଜପଢ଼ାରେ ୧୯୬୩ ମସିହା ପର୍ଯ୍ୟନ୍ତ ବିତିଗଲା ଏବଂ ଏ ବିଷୟଟି ମନରୁ ସଂପୂର୍ଣ୍ଣ ପାଶୋରିଗଲା । ୧୯୬୩ରୁ ୧୯୭୧ ମସିହା ପର୍ଯ୍ୟନ୍ତ ବିଭିନ୍ନ ସରକାରୀ କାର୍ଯ୍ୟରେ ଲିପ୍ତ ରହି ଏଥିରେ ମନଯୋଗ କରିପାରିଲି ନାହିଁ । ଦୀର୍ଘ ୧୪ ବର୍ଷ ପରେ ପୁଣି ଏକାନ୍ତ ଇଚ୍ଛା, ଓଡ଼ିଆ ଭାଷାରେ ଏପରି ଖଣ୍ଡେ ସଂକଳନ ପ୍ରକାଶ କରିବା ପାଇଁ ।

ଏହି ସୂକ୍ତିଗୁଡ଼ିକ ପ୍ରତ୍ୟେକ ଭାଷାର ଭୂଷଣ ଏବଂ ଏହା ପ୍ରତ୍ୟେକ ସାହିତ୍ୟସେବୀ, ଆଲୋଚକ ଓ ସମାଲୋଚକମାନଙ୍କର ଅତି ଆଦରଣୀୟ । ଆମ ଭାଷାରେ ଏପରି ପୁସ୍ତକର ଯଥେଷ୍ଟ ଅଭାବ ଥିବାରୁ ଆମେ ଅଧିକାଂଶ ସମୟରେ ଇଂରଜୀ, ବଙ୍ଗଳା ଓ ସଂସ୍କୃତ ଭାଷାର ଆଶ୍ରୟ ନେଇଥାଉ ; କିନ୍ତୁ ପ୍ରକୃତରେ ଓଡ଼ିଆ କାବ୍ୟଜଗତରେ ଏଥିର ଅଭାବ ନାହିଁ ।

ଏହି ସଂକଳନଟିରେ ସମୁଦାୟ ପଚାଶଟି ସୁନିର୍ବାଚିତ ବିଷୟ ନିଆଯାଇ ଓଡ଼ିଆ କବିମାନଙ୍କ ରଚନାରୁ ଭାବୋଦ୍ଦୀପକ ଓ ଶିକ୍ଷାପ୍ରଦ ସୂକ୍ତି ସନ୍ନିବେଶିତ କରାଯାଇଛି । ଏଥିରେ ଏକ ହଜାରରୁ ଅଧିକ ଅମୂଲ୍ୟ ଉକ୍ତି ପ୍ରାଚୀନ ଓ ଆଧୁନିକ ଓଡ଼ିଆ କବିମାନଙ୍କ କାବ୍ୟରୁ ସଂଗୃହୀତ ହୋଇଅଛି । କୌଣସି ଢଗଢ଼ମାଳି କିମ୍ବା ଲୋକଗୀତି ଏଥିରେ ଯୋଗ କରାଯାଇ ନାହିଁ ।

ଡକ୍‌ଟର ପ୍ରାଣକୃଷ୍ଣ ପରିଜା ଓ ଡକ୍‌ଟର ହରେକୃଷ୍ଣ ମହତାବ ତାଙ୍କର ବହୁମୂଲ୍ୟ ସମୟ ନଷ୍ଟ କରି ଏଥିରେ ନିଜର ଅଭିମତ ଦେଇଥିବାରୁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ । ଗ୍ରନ୍ଥଟିର ସଂକଳନ ସମୟରେ ମୋର ପୂର୍ବତନ ଶିକ୍ଷକ ଡକ୍‌ଟର କୃଷ୍ଣଚରଣ ବେହେରା ଓ ଶ୍ରୀ ବୀରକିଶୋର ଦାସ ଅକୁଣ୍ଠ ସାହାଯ୍ୟ ଦେଇଥିବାରୁ ମୁଁ ସେମାନଙ୍କ ନିକଟରେ ଋଣୀ । ଯେଉଁ କବି ଓ ମହାପୁରୁଷମାନଙ୍କର ଲେଖାରୁ ଉକ୍ତିଚୟ ସଂଗ୍ରହ କରି ଏହି ସଂକଳନଟିକୁ ପରିପୁଷ୍ଟ କରିଛି, ସେମାନଙ୍କ ନିକଟରେ ମୁଁ ଚିରକୃତଜ୍ଞ ।

profssmishra@gmail.com

ପରିଶେଷରେ, ମୋର ବନ୍ଧୁ ଶ୍ରୀ ଗୌରାଙ୍ଗଚରଣ ଦାସ, ଶ୍ରୀ ରବିନାରାୟଣ ପତି ଓ ମୋ ପତ୍ନୀ ପ୍ରିୟମ୍ବଦାଙ୍କ ଉତ୍ସାହ ଓ ପ୍ରେରଣା ଜୀବନରେ ଭୁଲିବାର ନୁହେଁ ।

ସଂକଳନଟି ସୁଧୀସମାଜରେ ଆଦୃତ ହେଲେ ମୋର ଶ୍ରମ ସାର୍ଥକ ହେବ ବୋଲି ମନେ କରିବି

ତା ୨୭ । ୧୨ । ୭୧ ଇଂ ଗୋବିନ୍ଦଚନ୍ଦ୍ର ସାହୁ

ଶାରଦଶମୀ

profssmishra@gmail.com

ଦ୍ୱିତୀୟ ସଂସ୍କରଣର ଭୂମିକା

ସୂକ୍ତି ସଙ୍କଳନ 'ଚିରନ୍ତନୀ' ପ୍ରଥମେ ଆତ୍ମପ୍ରକାଶ କରିଥିଲା ୧୯୭୨ ମସିହାରେ । ଖ୍ୟାତନାମା ପ୍ରକାଶକ 'ଗ୍ରନ୍ଥମନ୍ଦିର' ଏହି ସଂକଳନଟିକୁ ଲୋକଲୋଚନକୁ ଆଣିଥିଲେ । ଦୀର୍ଘଦିନରୁ ଏହାର ପ୍ରଥମ ସଂସ୍କରଣ ଶେଷ ହୋଇଥିଲେ ମଧ୍ୟ କୌଣସି ଅସୁବିଧା-ବଶତଃ 'ଗ୍ରନ୍ଥମନ୍ଦିର' ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିବାକୁ ଅନେକ ବିଳମ୍ବ କଲେ । ପ୍ରସଙ୍ଗକ୍ରମେ ୧୯୮୬ ମସିହାରେ 'ଗୋପବନ୍ଧୁ ସାହିତ୍ୟ ମନ୍ଦିର' ତରଫରୁ 'ଚିରନ୍ତନୀ'ର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିବା ପାଇଁ 'ସମାଜ' ସମ୍ପାଦକ ପୂଜ୍ୟ ରାଧାନାଥ ରଥଙ୍କୁ ଅନୁରୋଧ କଲି । ସେ ତତ୍‌କ୍ଷଣାତ୍ ସମ୍ମତି ପ୍ରଦାନ କଲେ । ସେଥିପାଇଁ ତାଙ୍କ ନିକଟରେ ମୁଁ କୃତଜ୍ଞ । ପୁସ୍ତକ ପ୍ରକାଶନ 'ସମାଜ'ର ମୁଖ୍ୟ କାର୍ଯ୍ୟ ନୁହେଁ । ଦୈନିକ 'ସମାଜ' ପ୍ରକାଶନ ମୁଖ୍ୟ ଓ ପୁସ୍ତକ ଛାପାକାର୍ଯ୍ୟ ଗୌଣ । ତେଣୁ ଦ୍ୱିତୀୟ ସଂସ୍କରଣ ପ୍ରକାଶନରେ ଯଥେଷ୍ଟ ବିଳମ୍ବ ଘଟିଲା ।

ବର୍ତ୍ତମାନର ସମାଜ ବ୍ୟାଧିଗ୍ରସ୍ତ । ମୂଲ୍ୟବୋଧର ଦ୍ରୁତ ଅବନତି ଘଟୁଛି । ଆମେ ଅତ୍ୟଧିକ ବସ୍ତୁବାଦୀ ଓ ଆତ୍ମକୈନ୍ଦ୍ରିକ ହୋଇପଡ଼ୁଛୁ । ସତ୍ୟ, ଧର୍ମ, କର୍ମ, ତ୍ୟାଗ, ଦୟା, କ୍ଷମା ଓ ପରୋପକାରିତା ପ୍ରଭୃତି ଅଭିଧାନଗତ ଶବ୍ଦ ହୋଇଯାଇଛି । ଅସତ୍‌ମାର୍ଗରେ ରାତାରାତି ଧନୀ ଓ ସମାଜରେ ପ୍ରତିଷ୍ଠିତ ହେବାର ଅଦମ୍ୟ ବାସନା ଆମକୁ ଗ୍ରାସ କରୁଛି । ଏହି ଗୋଲକଧନ୍ଦାରୁ ନିସ୍ତାର ହେବାର ମାର୍ଗ ସତେ ଯେପରି ବନ୍ଦ ହୋଇଯାଇଛି । ଚତୁର୍ଦ୍ଦିଗ ତମିସ୍ରାଚ୍ଛନ୍ନ । ଏହି ତିମିରରୁ ଆଲୋକଗାମୀ ହେବା ପାଇଁ ମହାପୁରୁଷମାନେ ଅନେକ ମହତ୍‌ବାଣୀ ଲେଖି ଯାଇଛନ୍ତି । ସେସବୁ ଭିନ୍ନ ଭିନ୍ନ ପୁସ୍ତକରେ ସନ୍ନିବେଶିତ । ବର୍ତ୍ତମାନ ବେଗମାନ ଦୁନିଆରେ ସମୟର ବହୁତ ଅଭାବ । ସାହିତ୍ୟ ପ୍ରତି ମଧ୍ୟ ଆଜିର ଯୁବସମାଜ ବୀତସ୍ପୃହ । ତେଣୁ ଅନେକ ପୁସ୍ତକରୁ ଏହି ସୂକ୍ତିଗୁଡ଼ିକ ସଂଗ୍ରହ କରାଯାଇଛି; ଯାହାକି ସମୟୋପଯୋଗୀ ଓ ଏହାର ମୂଲ୍ୟବୋଧ ଚିରନ୍ତନ ।

ମୋର ଦୁଃଖ ଯେ ପ୍ରଥମ ଓ ଦ୍ୱିତୀୟ ସଂସ୍କରଣ ମଧ୍ୟରେ ଯଥେଷ୍ଟ ବ୍ୟବଧାନ ଥିଲେ ମଧ୍ୟ ମୁଁ ଆଉ କିଛି ସୂକ୍ତି ସଂଗ୍ରହ କରିପାରି ନାହିଁ । ସେଥିପାଇଁ ମୁଁ ସୁଧୀଜନଙ୍କଠାରୁ କ୍ଷମା ମାଗି ନେଉଛି । ସମୟର ଅଭାବ କେବଳ ଏକ ବାହାନା ।

ପ୍ରଥମ ସଂସ୍କରଣ ସଦୃଶ ଦ୍ୱିତୀୟ ସଂସ୍କରଣଟି ଆଦୃତ ହେଲେ ମୋର ଶ୍ରମର ମୂଲ୍ୟ ମୋତେ ମିଳିପାରିବ ।

କଟକ
ତା ୧ । ୧ । ୧୯୯୦ — ଇଂ ଗୋବିନ୍ଦଚନ୍ଦ୍ର ସାହୁ

profssmishra@gmail.com

ସୂଚୀ

ବିଷୟ	ପୃଷ୍ଠା
ଧର୍ମ	୧
କର୍ମ	୪
କାମ	୧୧
କ୍ରୋଧ	୧୨
ଦୟା	୧୫
କ୍ଷମା	୧୬
ମାୟା	୧୯
ସତ୍ୟ	୨୩
ଧୈର୍ଯ୍ୟ	୨୬
ଚରିତ୍ର	୨୮
ଭାଗ୍ୟ	୩୧
କର୍ତ୍ତବ୍ୟ	୩୪
ବିଶ୍ୱାସ	୩୫
ବନ୍ଧୁ	୩୭
ପରୋପକାର	୪୦
ସୌନ୍ଦର୍ଯ୍ୟ	୪୩
ଶିଶୁ	୪୫
ଯୌବନ	୪୮
ପ୍ରେମ ଓ ପ୍ରୀତି	୫୧
ମିଳନ ଓ ବିଚ୍ଛେଦ	୬୧
ନାରୀ ଓ ନାରୀଧର୍ମ	୬୩
ପିତା, ମାତା ଓ ପରିବାର	୭୦
ଅନିତ୍ୟତା	୭୪
କାପୁରୁଷ	୮୧
ଭୟ ଓ ଭ୍ରାନ୍ତି	୮୨
ପାପ ଓ ପାପୀ	୮୪
ସ୍ୱଜନ ଓ ଦୁର୍ଜନ	୮୬

profssmishra@gmail.com

ଗୁଣ ଓ ଗୁଣୀ	୯୦
ନିନ୍ଦା ଓ ପ୍ରଶଂସା	୯୪
ରଜା ଓ ପ୍ରଜା	୯୬
ଯୁଦ୍ଧ ଓ ଯୋଦ୍ଧା	୧୦୧
ତ୍ୟାଗ ଓ ଆଦର୍ଶ	୧୦୪
ଜାତୀୟତା	୧୦୮
ଲୋଭ ଓ ଲାଳସା	୧୧୪
ଅସମ୍ଭବ	୧୧୫
ବିଧିବିଧାନ	୧୧୬
ଗୁରୁ	୧୧୮
ବିଦ୍ୟା ଓ ବିଦ୍ୱାନ	୧୨୧
କବି ଓ କାବ୍ୟ	୧୨୪
ଭକ୍ତ ଓ ଭକ୍ତି	୧୨୭
ଦାନ ଓ ଦାନୀ	୧୩୪
ଧନ, ଧନୀ ଓ ଦରିଦ୍ର	୧୩୫
ସୁଖ ଓ ଦୁଃଖ	୧୪୦
ଜୀବନ ଓ ଜୀବିକା	୧୪୬
ମନ ଓ ଆଶା	୧୪୭
ଅତୀତ ସ୍ମୃତି ଓ ଚିନ୍ତା	୧୫୨
ଶରୀର ଓ ଆତ୍ମା	୧୫୩
ବ୍ୟଙ୍ଗ, ପରିହାସ ଓ ଛଳନା	୧୫୫
ଯଶ ଓ କୀର୍ତ୍ତି	୧୫୯
ବିବିଧ ବିଷୟ	୧୬୧

---

profssmishra@gmail.com

ଧର୍ମ

୧ । ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର ବାରିଧି
ଧର୍ମ ଏକା ସିନା ମହତ ପଣଆ
ଆଉ ସବୁ କଥା ଅଢ଼େଇ ଦିନିଆ । (ରାଧାନାଥ)

୨ । ମାତ୍ର ଯୁଦ୍ଧବୀର ନୁହେଁ ଧର୍ମବୀର
କରକା ନୁହଁଇ କେବେ ମଣିହାର
ଧର୍ମବୀର ବିନା ଧର୍ମ ସଂସ୍ଥାପନ
କରିବାକୁ ଅନ୍ୟ ନୁହଇ ଭଜନ । (ରାଧାନାଥ)

୩ । ଧର୍ମ-ଅସ୍ତ୍ରେ ଯେହୁ କରନ୍ତି ବିଜୟ
ଯୁଦ୍ଧକ୍ଷେତ୍ର ତାଙ୍କ ମନୁଷ୍ୟ ହୃଦୟ
ଉପୁଜାଏ ବାହୁବଳ ଶତ୍ରୁ ଭୀତି
ଧର୍ମବଳ ଆଣିଦିଏ ଶତ୍ରୁ ପ୍ରୀତି । (ରାଧାନାଥ)

୪ । ପାପଠାରୁ ଆହା ପାଷଣ୍ଡର ପୁଣ୍ୟ
ଶତଗୁଣେ ଭୟଙ୍କର
ତିକ୍ତଠାରୁ ଯେହ୍ନେ କଟୁ ଶତଗୁଣେ
ମାଧୁରୀ ନିମ୍ବଫଳର । (ରାଧାନାଥ)

୫ । ଧର୍ମ ଆହା ସେ କିବା ଅମୂଲ୍ୟ ଧନ
ସରି ନୁହଇ ତାରେ ମଣି କାଞ୍ଚନ ।
ସ୍ୱର୍ଗୀୟ ମାଧୁରୀରେ ସଦା ସୁନ୍ଦର
ମହୀମଣ୍ଡଳେ କାହିଁ ତା ପଟାନ୍ତର । (ମଧୁସୂଦନ)

୬ । ବୃଥା ଜୀବନ ଯହିଁ ନାହିଁ ଧରମ
ପଶୁ ଲୀଳା ସାଧନ ମାତ୍ର କରମ । (ମଧୁସୂଦନ)

୭ । ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି
ଏ ଜୀବନ ଅନିଶ୍ଚିତ
କେ ଜାଣେ କାହାର ଆଜି ମୃତ୍ୟୁକାଳ
ହୋଇଯିବ ଉପସ୍ଥିତ ।

profssmishra@gmail.com

କ୍ଷୁଦ୍ର କୀଟ ଉଇ ଅଳ୍ପ ଅଳ୍ପ କରି
ରଚଇ ବାଲ୍ମୀକ-ଘର
ମୁହିଁ ସେହିପରି ସଞ୍ଚିବି ଯତନେ
ପୁଣ୍ୟ ଧନ ନିରନ୍ତର ।
ସର୍ବ ଅଧିପତି ସର୍ବ ଅନ୍ତର୍ଯାମୀ
ସର୍ବ ଶୁଭବୁଦ୍ଧି ଦାତା
ଧର୍ମର ଆକର ଅଟନ୍ତି ଈଶ୍ୱର
ସର୍ବ ଭୁବନ ବିଧାତା । (ମଧୁସୂଦନ)

୮ । ଯୌବନେ ଧାର୍ମିକ ହେବ, ଏ ଜୀବନ
ଯେଣୁ ଅନିଶ୍ଚିତ
କେ ଜାଣେ କାହାର ଆଜି ମୃତ୍ୟୁକାଳ
ହେବ ଉପସ୍ଥିତ । (ମଧୁସୂଦନ)

୯ । ଯେ ଜନ ଧର୍ମ ଆଚରଇ
ଧନ୍ୟ ଧନ୍ୟ ସେ ପାପଜୟୀ । (ମଧୁସୂଦନ)

୧୦ ସେହି ସେ ଧର୍ମ ସନାତନ ଧରିରଖିଛି ଏ ଭୁବନ
ସେ ଧର୍ମପଥ ମଧୁମୟ ତାହାକୁ କର ହେ ଆଶ୍ରୟ ।
ଅଧର୍ମ ପଥ ପରିହରି ଦୃଢ଼ ବିଶ୍ୱାସ ହୃଦେ ଧରି
ସମ୍ପଦେ ଅବା ବିପଦରେ ଧର୍ମେ ନ ଛାଡ଼ କେଉଁ ନରେ ।
(ମଧୁସୂଦନ)

୧୧ । ଧନ ଅର୍ଜନେ ଧର୍ମ କରି
ଧର୍ମେ ପ୍ରାପତ ନରହରି । (ଭାଗବତ)

୧୨ । ଧର୍ମରକ୍ଷଣେ ମୁଁ ଜଗତେ
ଶରୀର ଧରି ନାନାମତେ । (ଭାଗବତ)

୧୩ । ଧର୍ମରେ ପୃଥ୍ୱୀ ହୁଏ ଆତଯାତ
ଧର୍ମରେ ସିନ୍ଧୁରେ ଚଳେ ବୋଇତ
ଧର୍ମରେ ସମୁଦ୍ର ନ ଲଂଘେ କୂଳ
ଧର୍ମରେ ଇନ୍ଦ୍ର ବରଷନ୍ତି ଜଳ ।

୧୪ । ଯାଅ ବୀର ରଣେ ଧରଣୀ ରକ୍ଷୁଁ
ପାପରାଶି ହେଉ କ୍ଷୟ
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ । (କାଳନ୍ଦୀଚରଣ)

profssmishra@gmail.com

୧୫ । ଧର୍ମ ଅନୁକୂଳ ଯେବେ ମୋ କାମନାଚୟ
ସାଧନେ ଶକତି ଦିଅ ପ୍ରଭୁ ଦୟାମୟ । (ଗୋପବନ୍ଧୁ)

୧୬ । ନ ଅଟକେ କର୍ମ ନେତାର ଅଭାବେ
ଧର୍ମନାବ ଚଳେ ଧର୍ମର ପ୍ରଭାବେ ।
କର୍ମଭୂମେ କିଏ ନେତା କିବା ନୀତ
ସରବେ ନିମିତ୍ତ ବିଧି ନିୟୋଜିତ । (ଗୋପବନ୍ଧୁ)

୧୭ । ଧର୍ମ ପକ୍ଷେ ଜୟ ସଦା ସୁନିଶ୍ଚୟ
ରଖ ହୃଦୟରେ ଏ ଦୃଢ଼ ପ୍ରତ୍ୟୟ । (ଗୋପବନ୍ଧୁ)

୧୮ । ଧର୍ମ ବଳେ ସିନା ଧରେ ବନଗିରି
ଧରମ ସଂସାରେ ସାର
ଧରି ଧର୍ମବଳ ଲଂଘେ ତାହିଁ କୂଳ
ଏ ସୁନୀଳ ପାରାବାର ।

୧୯ । ମାନବ ଧରମ ସୀମାକୁ ଲଂଘିଲେ
ଦେବେ ନ ପାରନ୍ତି ସହି
ନିଜେ ନିଜେ ଯେଣୁ ଧର୍ମସୀମା ମଧ୍ୟେ
ଚିରକାଳ ଥାନ୍ତି ରହି । (ଗଙ୍ଗାଧର)

୨୦ । ପାପ କାର୍ପାସ ହେଲେ ପର୍ବତ ସମ
ପୁଣ୍ୟାଗ୍ନି କଣା ତାକୁ ଦହନେ କ୍ଷମ । (ଗଙ୍ଗାଧର)

୨୧ । ଧର୍ମ ମହାତରୁ ପକ୍ଷରେ ମାନବ
ହୃଦୟ କ୍ଷେତ୍ର ଉର୍ବର
ସୁଶିକ୍ଷା ଲଙ୍ଗଳେ ଚଷି ଧର୍ମବୀଜ
ତହିଁରେ ରେପଣ କର । (ଗଙ୍ଗାଧର)

୨୨ । ମହତ ଏକା ସେ ଯେ ନର ପୁଙ୍ଗବ
ପ୍ରକୃତି ଧର୍ମେ ପଣ୍ଡିତ
ଈଶ୍ୱର ପୀରତି ସାଧକ ପବିତ୍ର
ଧରମ ରତ୍ନେ ମଣ୍ଡିତ । (ଗଙ୍ଗାଧର)

୨୩ । ଭାରତବାସୀର ଧର୍ମବଳ ସାର
ଧର୍ମ ବିନା ଆଜି ଏଡ଼େ ଛାରଖାର,
ଦେଖାଅ ଜୀବନେ ଅଦ୍ଭୁତ ଶକତି
କର୍ମେ ଅନାସକ୍ତ, ଧର୍ମେ ଦିବ୍ୟରତି । (ଗୋପବନ୍ଧୁ)

profssmishra@gmail.com

୨୪ । ଅଧର୍ମ ନାଶି ଧର୍ମ ପାଳୁ
ତୁ ନାଥ ପରମ ଦୟାଳୁ । (ଭାଗବତ)

୨୫ । ଧର୍ମହାନି, ପାପବୃଦ୍ଧ ହୁଅଇ ଯେ କାଳେ
ଆବିର୍ଭାବ ହୁଏ ମୋର ହେ ପାର୍ଥ ସେ କାଳେ ।
ସାଧୁଜନ ପରିତ୍ରାଣେ, ପାପୀ ବିନାଶନେ
ଧର୍ମ ସଂସ୍ଥାପନ ପାଇଁ ଯୁଗେ ଯୁଗେ ଜନ୍ମେ ।
(ବାବାଜୀ ବୈଷ୍ଣବଚରଣ ଦାସ)

୨୬ । ପରଧର୍ମହୁଁ ସ୍ୱଧର୍ମ କୋଟି ଗୁଣେ ଶ୍ରେୟ
ସ୍ୱଧର୍ମେ ମରଣ ଭଲ, ପରଧର୍ମେ ଭୟ ।
(ବାବାଜୀ ବୈଷ୍ଣବଚରଣ ଦାସ)

୨୭ । ଧର୍ମ ଜୟ ଏକା ରହେ ବହୁଦିନ
ବର୍ମ ଜୟ ତାହା ତୁଳନାରେ ହୀନ । (ଚିନ୍ତାମଣି)

୨୮ । ମୂର୍ଖ ନୀଚ ଜନେ ଦେବତା ସମାନେ
ହୁଅନ୍ତି ଧରମ ବଶ୍ରୁ
ଧର୍ମହୀନ ବିଜ୍ଞ କୁଳୀନ ସଙ୍ଗତେ
ତୁଳନା କେବଳ ପଶୁ । (ଚିନ୍ତାମଣି)

୨୯ । କର୍ମରେ ଫଳରେ ଯାର ଆସକ୍ତି ନ ଥାଇ
ଧର୍ମବନ୍ତ ପ୍ରାଣୀ ବୋଲି ତାକୁ ମାତ୍ର କହି ।
(ଠାକୁର ଅଭିରାମ)

୩୦ । ଧର୍ମ ମାତ୍ର ସମସ୍ତଙ୍କ ଜୀବନ ଆଧାର
କରିଛି ଧାରଣ ଧର୍ମ ଜଗତ ସଂସାର ।
ମାନବୀୟ ଧର୍ମଶାସ୍ତ୍ର କଲେ ଆଲୋଚନା
ବେଦୁଷଦ ଅବସ୍ଥିତ ଧର୍ମଯାଏ ଜଣା (ଫକୀରମୋହନ)

୩୧ । ପାପେ କଳୁଷିତ ଧର୍ମ ବିବର୍ଜିତ
ହେଲେ ସକଳ ମାନବ
ପ୍ରଭୁ ବିଶ୍ୱପତି ଜଗତେ ହୁଅନ୍ତି
ଯୁଗେ ଯୁଗେ ସମ୍ଭବ ।
ଧାର୍ମିକ ରକ୍ଷଣେ ଦୁରିତ ଦଳନେ
ଗୋଲୋକ ବିହାରୀ ହରି
ଅବତାର ରୂପେ ଜନମନ୍ତି ଆପେ
ମାନବ ଶରୀର ଧରି । (ଫକୀରମୋହନ)

profssmishra@gmail.com

୩୨ । ଧର୍ମ ଅଧର୍ମ କଥା ନ ଜାଣୁ ତୁହିଁ
ଧନ୍ଦି ହେଉଛୁ ଧନ ଅର୍ଜିବା ପାଇଁ ରେ
ଧୋକା ରଖିଲେ ଧନ୍ଦା ଫିଟିବ ନାହିଁ
ଧର୍ମରେ ଆତଯାତ ହେଉଛି ମହୀରେ । (ଭକ୍ତଚରଣ)

୩୩ । ଶତବର୍ଷ ଯଜ୍ଞ ପ୍ରତିମା ପୂଜାରେ
ଯେ ଧର୍ମ ନୁହେଁ ସଞ୍ଚିତ
କାହାପ୍ରତି କେବେ କୁପିତ ନୋହିଲେ
ହୁଏ ସେ ପୁଣ୍ୟ ଅର୍ଜିତ । (ନନ୍ଦକିଶୋର)

୩୪ । ଧର୍ମ ଲଂଘିବା ପାଇଁକି ଅଟେ ଯେଉଁ ପ୍ରାଣୀ
ଆୟୁ କ୍ଷୟ ଯାଏ ତାର ଶିରୀ ହୁଏ ହାନି । (ଶାରଳାଦାସ)

କର୍ମ

୩୫ । ଦେବଗଣେ କରେ ନମସ୍କାର
ଦେବଗଣ ବିଧିବଶ, ଏଣୁ ବିଧି ବନ୍ଦନୀୟ ମୋର
ବିଧି କର୍ମଫଳ ଦିଏ ଫଳ କିନ୍ତୁ କର୍ମେ ଅନୁସରେ
ଏଣୁ କର୍ମ ସର୍ବୋତ୍ତମ କର୍ମରେ ମୁଁ ନମସ୍କାର କରେ ।

(ନୀତିଶତକ-ଭର୍ତ୍ତୃହରି)
ଅନୁବାଦ—ଜାନକୀବଲ୍ଲଭ ପଟ୍ଟନାୟକ

୩୬ । କର୍ମବଶେ ବ୍ରହ୍ମା ନିତି କୁମ୍ଭକାର ସମ
ବ୍ରହ୍ମାଣ୍ଡରୂପ ଯେ ଭାଣ୍ଡ କରଇ ନିର୍ମାଣ ।
କର୍ମବଶେ ସିନା ଦଶ ଅବତାର ଲଭି
ଜନ୍ମ ମରଣର ଦୁଃଖ ବିଷ୍ଣୁ ଅନୁଭବି ।
କର୍ମବଶେ ରୁଦ୍ର ହସ୍ତେ ନରମୁଣ୍ଡ ବହି
ଯୋଡ଼ ହସ୍ତେ ନିତି ଭିକ୍ଷା ଆଶେ ଯେ ଭ୍ରମଇ ।
କର୍ମବଶେ ସୂର୍ଯ୍ୟ ନିତି ଆକାଶରେ ଭ୍ରମେ
ସବୁରି କାରଣ କର୍ମ କର୍ମରେ ପ୍ରଣମେ । (ନୀତିଶତକ)

profssmishra@gmail.com

୩୭ । କର୍ମର ଅନୁସାରେ ଫଳ
ବୁଦ୍ଧି ଯେ କର୍ମେ ଅନୁସରେ
ତଥାପି ସୁଧୀ ନ୍ୟାୟଶୀଳ
ବୁଝି ବିଗ୍ଭରି କର୍ମ କରେ । (ନୀତିଶତକ)

୩୮ । କେ କରିବ ମୋର କାର୍ଯ୍ୟ
କହେ ସନ୍ଧ୍ୟା ସୂର୍ଯ୍ୟ
ଶୁଣି ତା ଜଗତ ରହେ ସ୍ଥିର ନିରୁତ୍ତର
ମାଟିର ପ୍ରଦୀପ ଏକ ଦେଲା ତା ଉତ୍ତର
ହେ ପ୍ରଭୁ କରିବି ନିଷ୍ଠେ
ସାଧ୍ୟ ଯା ମୋହର । (ରବୀନ୍ଦ୍ରନାଥ)

୩୯ । କର୍ମେ ଅଧୀନ ଏ ଜଗତ
କର୍ମର ପଥେ ଆତଯାତ । (ଭୂପତି ପଣ୍ଡିତ)

୪୦ । ମାନବ ଜୀବନ ନୁହଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ । (ଗୋପବନ୍ଧୁ)

୪୧ । ବିହିତ କରମ ମାନବ ଧରମ
ବୀର ଭାବେ ଯେହୁ ସାଧେ
ସେହି ଧନୁର୍ଦ୍ଧର ରାମ ବୀରବର
ଭବାର୍ଣ୍ଣବେ ସେତୁ ବାନ୍ଧେ । (ଗୋପବନ୍ଧୁ)

୪୨ । କରମ କରିବୁ ଅଳସ ନୋହି
ହେବୁନାହିଁ ନିଜ ଧରମ ଦ୍ରୋହୀ
ଯାହା ଯିବୁ ତୁହି କରି
କର୍ମ ଅନୁସାରେ ଫଳ ଦେବେ ତୋତେ
ସରବ ଜାଣନ୍ତା ହରି । (ଲକ୍ଷ୍ମୀକାନ୍ତ)

୪୩ । ଏ ସଂସାର ନୁହେଁ ମିଥ୍ୟା-ପୀଠ ସାଧନାର
କର୍ମୀ ଯେହୁ ଏହି କ୍ଷେତ୍ରେ ସିଦ୍ଧି ହୁଏ ତାର ।
ଜୀବନକୁ ମଣି ସତ୍ୟ କଠୋର ବାସ୍ତବ
କର କର୍ମ ନିୟୋଜିଣ ସର୍ବ ଶକ୍ତି ତବ । (ଲକ୍ଷ୍ମୀକାନ୍ତ)

୪୪ । କର୍ମ କରିବାର ଥିଲେ ହେ ବାଳକେ
ମନଦେଇ ତାହା କର

profssmishra@gmail.com

ଶିଖରେ ପହଞ୍ଚି ଅଛି ଯେ ବାଳକେ
ତଳୁ ଗର୍ଜୁଛି ନିକର ।
ତଳେ ଠିଆ ହୋଇ ଆକାଶ ଆଡ଼କୁ
ବାଳକେ ରହିଲେ ଗୃହିଁ
ଯତନ ନ କଲେ ପବତ ଶିଖରେ
ଚଢ଼ି ତ ପାରିବ ନାହିଁ । (ନନ୍ଦକିଶୋର)

୪୫ । ଏ ଜଗତ ସର୍ବ କର୍ମର ଆୟତ୍ତ
କର୍ମ ସୁଖ ଦୁଃଖ ହେତୁ
କର୍ମ କରେ ସ୍ୱର୍ଗ ନରକ ରଚନା
ଭୋଗ ଜାତ କର୍ମ କ୍ଷେତୁ ।
× × ×
ସୁଖ ଦୁଃଖ ନୁହେଁ ଏ ଜୀବନ ଲକ୍ଷ୍ୟ
ଏକା କର୍ତ୍ତବ୍ୟ ସାଧନ
ମାନବ ଜୀବନ— ଅର୍ଣ୍ଣବ ତରଣେ
ହୁଅଇ ସିନା କାରଣ । (ନନ୍ଦକିଶୋର)

୪୬ । ପୁରୁଷ କର୍ମାୟତ ଫଳ
କର୍ମାନୁସାରେ ବୁଦ୍ଧି ବଳ
ତଥାପି ଚିନ୍ତା କରି ଭଲେ
କର୍ମ କରନ୍ତି ସୁଜ୍ଞ ନରେ । (ରତ୍ନରେଣୁ : ବିଶ୍ୱନାଥ କର)

୪୭ । ଉଦ୍ୟୋଗ ବିହୀନେ ସିଦ୍ଧ ନୁହେଁ ମନୋରଥ
କେତେବେଳେ ଚଳିନାହିଁ ବିନା ଚକ୍ରେ ରଥ । (ଚିନ୍ତାମଣି)

୪୮ । ତଟିନୀ ଶତଶତ ଶଙ୍କା ବିଟପୀ
ମହାସାଗର ପଥେ ଚଳଇ ଟପି ଯେ ।
ମହତ ପଥେ ତଥା କରମ ବୀର
ବାଧା ବିପଦ ଏଡ଼ି ଚଳଇ ଝର । (ଜୟକୃଷ୍ଣ ମିଶ୍ର)

୪୯ । ଉଠ ତେବେ ସର୍ବେ କର୍ମେ ହେବା ତତପର
ସାଧନାର ଫଳାଫଳ ନ ବିଗ୍ଭରି ମନେ,
କର୍ମ ଅନୁସରି ହେବା ଭବେ ଅଗ୍ରସର ;
କର୍ମ ଲାଗି କର୍ମ ସିନା ଶୋଭଇ ଜୀବନେ । (ଗୋଦାବରୀଶ ମିଶ୍ର)

୫୦ । ଭାଗ୍ୟଦେବୀ ଅନୁକୂଳ ଉଦ୍‌ଯୋଗୀର
ଅଳସ କଥାକୁ ସଦା ସେ ବଧିର । (ରାଧାନାଥ)

profssmishra@gmail.com

୫୧ । ନିଷ୍ଫଳ କର୍ମେ ଯାର ମନ ଦୀକ୍ଷିତ
ପରଠାରେ ନିଶ୍ଚେ ସେ ହୁଏ ଲଜ୍ଜିତ । (ରାଧାନାଥ)

୫୨ । ଅସାଧ୍ୟ ମଣେ ଯା ଅଳସ
କର୍ମବୀର ତା କରେ ବଶ
ଅଳସ ଯା ଅସାଧ୍ୟ ମଣେ
କର୍ମବୀର ତା ସାଧେ କ୍ଷଣେ । (ରାଧାନାଥ)

୫୩ । ଆପଣା ଅର୍ଜିଲ କର୍ମ ଆପଣେ ଭୁଞ୍ଜଇ
ବିଧାତା ବଚନେ କର୍ମ ଅନ୍ୟଥା ନୁହଇ ।

୫୪ । ଅଳସପଣ ପରିହରି, ଆନନ୍ଦେ ପରିଶ୍ରମ କରି ।
ସତ୍କାର୍ଯ୍ୟ କରି ଅନୁଷ୍ଠାନ, ସାର୍ଥକ କର ଦେହ ପ୍ରାଣ ।
ଆଳସ୍ୟେ ବୁଦ୍ଧି ବଳ କ୍ଷୟ, ଉଦ୍ୟମେ ସର୍ବ କାର୍ଯ୍ୟ ଜୟ ।
ଉଦ୍‌ଯୋଗ ବଳେ ସର୍ବସିଦ୍ଧି ଜାଣିବ ଏହୁ ମହାବିଧି । (ମଧୁସୂଦନ)

୫୫ । ଧନହୀନ ବୋଲି କେଉଁେ ଆପଣାକୁ ଅବଜ୍ଞା ନ କର
ଉଦ୍‌ଯୋଗୀ ଲଭଇ ଲକ୍ଷ୍ମୀ, ତେଣୁ କାର୍ଯ୍ୟେ ହୁଅ ହେ ତତ୍ପର ।
(ମଧୁସୂଦନ)

୫୬ । କର୍ମ ସରିଲେ ଫଳ କ୍ଷୟେ
ଲବ୍ଧ କ୍ଲେଶମାତ୍ର ରହେ । (ଜଗନ୍ନାଥ ଦାସ)

୫୭ । ନିୟତ କର୍ମ ସଙ୍ଗ କରି
ଅନ୍ଧ ଯେସନେ ଯଷ୍ଟି ଧରି । (ଭାଗବତ)

୫୮ । କର୍ମ ଆଦରି ସହେ ଦୁଃଖ, କେବେହେ ନୁହଁଇ ବିମୁଖ ।
× × ×
କର୍ମ କଷଣ ସହି ଧୀରେ, ବଞ୍ଚଇ ପର ଉପକାରେ ।
(ଭାଗବତ)

୫୯ । ଭାଗ୍ୟେ ଦୁର୍ଲଭ ଦେହ ଧରି ପୁଣି ଭ୍ରମଇ କର୍ମ କରି ।
କର୍ମଟି ନାନା ଦୁଃଖ ଦେଇ, କିଛିତେ ସୁଖ ନାହିଁ ତହିଁ ।
କର୍ମ କରନ୍ତି ପାଇ ଦେହ, ଏଣୁଟି କର୍ମ ଦୁଃଖମୟ । (ଭାଗବତ)

୬୦ । ସାତ୍ତ୍ୱିକ ବିନା କର୍ମ ଯେତେ, କେବେହେଁ ନ କରିବ ଚିତ୍ତେ ।
ସାତ୍ତ୍ୱିକ କର୍ମମାନ କରି, ରଜ ତାମସ ପରିହରି ।
ଅପର ଯେତେ କାମ୍ୟ କର୍ମ, ତେଣେ ନୋହିବ ମତିଭ୍ରମ ।
(ଭାଗବତ)

profssmishra@gmail.com

୬୧ ।
ଏ ଜୀବ ନିଜ କର୍ମଫଳ, ଭୁଞ୍ଜଇ ରହି ଏ ଶରୀର ।
କର୍ମର ମତେ ଦୁଃଖ ସୁଖ, ଜନ୍ମ ମରଣ ହୋଏ ଦେଖ ।
କର୍ମଟି ଦୁଃଖ ସୁଖଦାତା, ବିଶ୍ୱ ସଂସାରେ ବଳବନ୍ତା ।
(ଭାଗବତ)

୬୨ ।
କର୍ମଫଳ ପ୍ରାଣୀ ଅବଶ୍ୟ ଭୁଞ୍ଜଇ
କେ କରିପାରିବ ଆନ
ଶତ ପ୍ରତିଷେଧ ଲଂଘି ପଶିଥାଏ
କର୍ମଫଳ ବଳବାନ । (ଗଙ୍ଗାଧର)

୬୩ ।
ଖ୍ରିଆଡ଼େ ଶୁଭୁଅଛି ଉଠ ଜାଗ
ଅଣ୍ଡାଭିଡ଼ି ନଜ କର୍ମେ ଲାଗ ଲାଗ ।
କର୍ମ ବାଷ୍ପରଥେ ଧାଇଁ ଶଙ୍ଖ ସ୍ୱନେ
ଆସି ଏବେ ଲାଗିଗଲଣି ଷ୍ଟେସନେ ।
ଚଢ଼ିବା ସମୟ ହେଲାଣି ନିକଟ
ଶୋଇ ପଡ଼ିଅଛ ନ କିଣି ଟିକଟ । (ଗଙ୍ଗାଧର)

୬୪ ।
ସୁଖ ବା ଦୁଃଖର ହେତୁ କେବଳ ହିଁ କର୍ମ
କର୍ମଫଳେ କେ ବିଧାତା କେବା କୀଟାଧମ
କର୍ମରେ ଚାଳିତ ଏହି ବିଶ୍ୱ ଚରାଚର
ଚେତନା ଚେତନ ନୁହେଁ କର୍ମୁ ସ୍ୱତନ୍ତର ।

× × ×

କଲେ କର୍ମ ପଶୁପରି ପଶୁ ଜନ୍ମ ଲଭ
ଲଭିବ ଦେବତା ଜନ୍ମ ଧର ଦେବ ଭବ
ଆସୁରିକ କର୍ମେ ଲଭ ଅସୁର ଜନମ
ତିର୍ଯ୍ୟକ କର୍ମରେ ହେବ ତିର୍ଯ୍ୟକ ଅଧମ ।

× × ×

ବର୍ତ୍ତମାନ ଭୁଞ୍ଜେ ଅତୀତର କର୍ମଫଳ
ବର୍ତ୍ତମାନ କର୍ମଫଳ ଭବୀକୁ ସମ୍ବଳ
କଦା ଅତୀତର ବର୍ତ୍ତମାନ ରୂପାନ୍ତର
ନିଜ ଶୁଭାଶୁଭ କର୍ମଫଳ ଭୁଞ୍ଜେ ନର ।
(ବୌଦ୍ଧାବତାର କାବ୍ୟ)

profssmishra@gmail.com

୬୫ । ବର୍ତ୍ତମାନ କର୍ମଫଳ ଲଭ ଭବିଷ୍ୟତେ
ଏହି କଥା କର ଯେବେ ହୃଦୟେ ପରତେ
ପବିତ୍ର ମନରେ କାର୍ଯ୍ୟ କର ସେହିପରି
ଆତ୍ମକୃତ କର୍ମଫଳ ଯାଚିଦେବେ ହରି । (ଫକୀରମୋହନ)

୬୬ । ଜୀବନର ସୁଖଦୁଃଖ ଦାତା କର୍ମଫଳ
ବିନାଶକ, ରକ୍ଷାକାରୀ, ସହାୟ ସମ୍ବଳ
କର୍ମଫଳ ପ୍ରଭବରେ ଜୀବନର ଗତି
ବିଧିଦ୍ୱାର ନଷ୍ଟ ହୁଏ ନାହିଁ ତାର ଶକ୍ତି । (ଫକୀରମୋହନ)

୬୭ । କର୍ମ ମୋହର ପ୍ରେମ ମନ୍ତ୍ର,
ମର୍ମ ମୋ ଧର୍ମ ଦୀକ୍ଷା;
କର୍ମ ଲକ୍ଷ୍ୟ, କର୍ମ ମୋକ୍ଷ
କର୍ମ ପରମ ଶିକ୍ଷା । (କୁନ୍ତଳାକୁମାରୀ)

୬୮ । କରମଭୂମି ଏ ପ୍ରେମଲୀଳା ନିକେତନ
ନୁହେଁ ନୁହେଁ ମିଛ ମେଳା ଭବ ଆୟୋଜନ ।
(କୁନ୍ତଳା କୁମାରୀ)

୬୯ । ଜୀବନ ନୁହେଁ ମୋ ସ୍ୱପନ ଛଳନା
ଜୀବନ ଆନନ୍ଦମୟ ହେ
କରମ ଲାଗି ଜନମ ଲଭିଛି
କରମେ ଲଭିବି ଜୟ ହେ,
ଶୁଭ କରମେ ହୋଇବି ଛିଡ଼ା
ବାଧୁ ଯେତେ ମୋତେ ଯାତନା ପୀଡ଼ା
କରମ ମୋହର ଜପ ମନ୍ତ୍ର ସାର
ଜ୍ଞାନ ଧ୍ୟାନ ସୁଖମୟ ହେ । (କୁନ୍ତଳାକୁମାରୀ)

୭୦ । କରିଥାଇ ପୂର୍ବରେ ଯେ ଯେଉଁ କର୍ମ
କାଳେ ତାକୁ ତା ଭୋଗ କରାଏ ଧର୍ମ ।
କରାଇ ଯେ ଥିଲେ ଶିବେ ବିଷପାନ
କେତେବେଳେ ସେ କଥା ନୋହିଲ ଆନ । (ଦୀନକୃଷ୍ଣ)

୭୧ । କର୍ମଭୂମି ଜାଣ ଅଟଇ ମର୍ତ୍ତ୍ୟପୁରୀ
ଏଥିରେ କର୍ମ କଲେ ହୁଅଇ ସ୍ୱର୍ଗଗାମୀ
(ମହାଭାରତ ଶାନ୍ତିପର୍ବ)

profssmishra@gmail.com

କାମ

୭୨ । କାମରେ ସୁଖ ନାହିଁ ନୃପ ! ସୁପକ୍ୱ ଫଳର ସ୍ୱରୂପ ।
ଆପାତ ମଧୁର ରୁଚିର, ମାତ୍ରକ ତାହା ନୁହେଁ ଚିର ।
ଦିନାନ୍ତେ ହୁଏ ପର୍ଯ୍ୟୁଷିତ, ଦୁର୍ଗନ୍ଧ, ବିକୃତ, ଦୂଷିତ
କାମ ପ୍ରଫୁଲ୍ଲ ପୁଷ୍ପବତ, ମରଣ ଝଟିକା ପବନ ।
ଯୌବନେ ଯେଉଁ କାମ ଭୋଗ, ଚରମେ ଘଟାଏ ଦୁର୍ଯୋଗ ।
ଶରୀର ହୋଇ ଜରାଜୀର୍ଣ୍ଣ, ମୃତ୍ୟୁ କବଳେ ହୁଏ ଲୀନ ।
ଯେ କାମ ଭୋଗ କ୍ଷଣସ୍ଥାୟୀ, ତହିଁକି ଲୋକ କିମ୍ପା ବାଇ ।

(ଫକୀରମୋହନ)

୭୩ । ପାନରେ ଲବଣାକ୍ତ ଜଳ, ପିପାସା ବର୍ଦ୍ଧନ କେବଳ ।
ଦୈବେ ଲଭଲେ କାମ ଏକ, ଧାବିତ ଲାଭରେ ଅନେକ ।
ଜ୍ୱଳନ୍ତ ଅନଳେ ଆହୁତି, ଦେଲେ ବର୍ଦ୍ଧିତ ଅଗ୍ନିଜ୍ୟୋତି ।
କାମ ବିଷମ ପ୍ରତାରକ, ନିୟତ ଲୋକ ହନ୍ତାରକ ।
ମରୁଭୂମିରେ ମରୀଚିକା, ଧର୍ମ ଦେଖାଏ ବିଭୀଷିକା ।

(ଫକୀରମୋହନ)

୭୪ । କାମର ମହିମା ଶକ୍ତି ଅଛି ଭଲ ଜଣା
ପ୍ରାଣନାଶେ ବିସ୍ତାରିଛି ଜାଲ ପ୍ରତାରଣା ।
କାମନା-କାମର ପତ୍ନୀ-ପିଶାଚ ଦମ୍ପତି
ଘଟାନ୍ତି ମାନବକୁଳେ ଦୁଃସହ ଦୁର୍ଗତି ।
ମାନବ ପ୍ରବାହ ବୃଦ୍ଧ କାମ ପ୍ରସାଦରେ
ସତ୍ୟ; କିନ୍ତୁ ସର୍ବନାଶ ଘଟାଏ ଲୋକରେ ।
କାମୁଁ ଜାତ କ୍ରୋଧ ତହୁଁ ଘଟେ ସର୍ବନାଶ
କରିବ କେ ଜ୍ଞାନୀ ସେହି କାମ ଅଭିଳାଷ । (ଫକୀରମୋହନ

୭୫ । କାମ, କ୍ରୋଧ, ଲୋଭ ଆତ୍ମନାଶକାରୀ
ତ୍ରିବିଧ ନରକ ଦ୍ୱାର
ଏହି କାରଣରୁ ଏଗୁଡ଼ିକ ତ୍ୟାଗ
କରିବାହିଁ ହିତକର ।

୭୬ । ଲବଣ ଭକ୍ଷଣେ ବାରମ୍ବାର ତୃଷା
ବଢ଼େ ଅନୁକ୍ଷଣ ଯଥା

profssmishra@gmail.com

କାମନା ସକଳ ଉପଶମ ନୋହେ
ନାନା ଉପଭୋଗେ ତଥା ।
(ନୀତି-ନିର୍ଝରିଣୀ : ବିଶ୍ୱନାଥ କର)

ଉପଭୋଗ ଯୋଗେ କାମନା ସକଳ
ଉପଶମ ନୋହେ ଜାଣ
ଅଗ୍ନି କୁଣ୍ଡେ ଯଥା ଢାଳୁଥିଲେ ଘୃତ
ଉଠୁଥାଏ ଶିଖାମାନ । (ବିଶ୍ୱନାଥ କର)

କାମ, କ୍ରୋଧ, ଲୋଭ, ମୋହ ଷଡ଼ରିପୁ ଜିଣି
ପାରିଛି ଯେ ସାଧକ ମହତ
ବିଜୟୀ ପ୍ରକୃତ ସେହୁ ହୋଇପାରେ କିଣି
ନିଜ ଗୁଣେ ନିଖିଳ ଜଗତ
(କାଳିନ୍ଦୀଚରଣ)

କାମରେ ଆରତ ହୁଏ ଯେଉଁ ପ୍ରାଣୀ ଗୋଟା
ଲାଜ ଭୟ ଯହିଁତେ ଛାଡ଼ଇ ସବୁ ଚେଷ୍ଟା । (ନାମରତ୍ନ ଗୀତା)

କାମ ସଂକଳ୍ପ ଲୋଭେ ଜଡ଼ି
ଅଜ୍ଞାନ ମୋହେ ଥାନ୍ତି ପଡ଼ି ।
ଧର୍ମ ଅଧର୍ମ ନ ଜାଣନ୍ତି
ଅନ୍ତେ ଲଭନ୍ତି ଅଧୋଗତି । (ଭାଗବତ)

କ୍ରୋଧ

ଯେହୁ କ୍ରୋଧ ଅନଳକୁ ଶାନ୍ତ କରିପାରେ
ଧନ୍ୟ ସେ ମହାତ୍ମା ଏହି ସଂସାର ମଧ୍ୟରେ ।
କି ନ କରିପାରେ ଲୋକ କ୍ରୋଧଅନ୍ଧ ହୋଇ
ଭଲ ମନ୍ଦ କିଛି ସେହି ଜାଣି ନ ପାରଇ ।

× × ×

କ୍ରୋଧ ପ୍ରାଣୀମାନଙ୍କର ପ୍ରାଣ ବିନାଶକ
କ୍ରୋଧ ହିଁ ପରମଶତ୍ରୁ ହେ ଦ୍ୱିଜତିଳକ !

× × ×

profssmishra@gmail.com

କ୍ରୋଧ କରେ ତପଯଜ୍ଞ ଦାନକୁ ବିନାଶ
ଏ କାରଣୁ କ୍ରୋଧ ତ୍ୟାଗ କରିବ ଅବଶ୍ୟ ।
(ବାଲ୍ମୀକି ରାମାୟଣ : କିଷ୍କିନ୍ଧାକାଣ୍ଡ)

୮୨ । କ୍ରୋଧ ସିନା, ପ୍ରାଣୀଙ୍କୁ ନାଶୁଛି ସତତେ
କେବଳ ଜ୍ଞାନଶୂନ୍ୟ ଲୋକଙ୍କର ଏ ମାନ
ମରଣ ଦେଖାଇ ଅଗ୍ରତେ ହେ । (ଦୀନକୃଷ୍ଣ)

୮୩ । ମାତ୍ସର୍ଯ୍ୟ, କାମ, କ୍ରୋଧ, ଲୋଭ ଓ ମୋହ
ମଦ ପ୍ରଭୃତି ରିପୁ ପ୍ରବଳ ଛଅ ଯେ ।
କରନ୍ତି ନିତ୍ୟ ମୋହ ହୃଦୟେ ବାସ
କରିବେ ଆତ୍ମା ସଙ୍ଗେ ଦେହକୁ ନାଶ ଯେ । (ଫକୀରମୋହନ)

୮୪ । କ୍ରୋଧବଶ ହୋଇ କେବେ ପରନାଶ ଲାଗି
ନକର କୁହୁକ କ୍ରିୟା, ସଦା ମନେ ଜାଗି,
ଲକ୍ଷ୍ମଣ ବିନାଶ ଇଚ୍ଛି କୁହୁକର ବଳେ,
ନିଜେ ଯଥା ଇନ୍ଦ୍ରଜିତ ନାଶ ଗଲା ଖରେ । (ନୀତି ନର୍ଜରିଣୀ)

୮୫ । କ୍ରୋଧକୁ ଜୟ କରିଥାନ୍ତି ସଜ୍ଜନ
ତେଣୁ ନୁହନ୍ତି କା'ର ଦୋଷ ଭଜନ,
କ୍ରୋଧ-ଜର୍ଜର ଯେଣୁ ଲଘୁର ଚିତ୍ତ,
ସଂସାର ତାର ପକ୍ଷେ ତେଣୁ ଅହିତ । (ନୀତି-ନର୍ଜରିଣୀ)

୮୬ । କ୍ରୋଧ ଅନର୍ଥର ଅଟଇ ମୂଳ
ଧର୍ମ କର୍ମ ମାନ କରଏ ଦୂର ।
ଦୃଢ଼ କରେ ପୁଣି ଭବ ବନ୍ଧନ
ତେଣୁ କ୍ରୋଧକୁ ବରଜି ତତ୍କ୍ଷଣ । (ଖଦ୍ୟୋତରେଣୁ)

୮୭ । ଅତ୍ୟନ୍ତ କୁପିତ ହେଲେହେଁ ସାଧବ
କୋମଳ ହୁଅଇ କାବ୍ୟ ଶ୍ରବଣେ
ଅଗ୍ନି ଦଗଧ ହୋଇ କଠିନ ସୁବର୍ଣ୍ଣ
ତରଳଇ ଯଥା ଦେଖ ସଘନେ । (ବିଶ୍ୱନାଥ କର)

୮୮ । ନ ଜନମେ କୋପ ସଜ୍ଜନ ହୃଦେ
ଜନ୍ମିଲେ ସୁଦ୍ଧା ଚିର ନୋହେ ବୁଧେ !

profssmishra@gmail.com

ଚିର ହେଲେ ସୁଦ୍ଧା ହୁଏ ବିଫଳ
ନୀଚ ସ୍ନେହରୁ ସାଧୁ କୋପ ମଙ୍ଗଳ । (ବିଶ୍ୱନାଥ କର)

୮୯ । କ୍ରୋଧ ମାନବର ପ୍ରଥମ ଅରି
ନାଶଇ ଅଂଶ ତହିଁ ବାସ କରି ।
କାଷ୍ଠ ମଧ୍ୟେ ଥାଇ ବହ୍ନି ଯେସନ
ସେହି ବହ୍ନି ବନ କରେ ଦହନ । (ରତ୍ନରେଣୁ)

୯୦ । କ୍ରୋଧ ଜିଣେ ଶାଣଦିଆ କାତିକି
ଫିଙ୍ଗିଦିଏ ପଦେ ସ୍ନେହ ପ୍ରୀତିକି
ନ ଚିହ୍ନେ ସେ ପଥ କୁଟିଳ କଣ୍ଟକ
ମଶା ପ୍ରାୟ ମଣେ ମତ୍ତହସ୍ତୀକି ।
(ଗୋଦାବରୀଶ ମହାପାତ୍ର)

୯୧ । ବାକ୍ୟରେ ମନରେ କି ଅବା କର୍ମରେ
ନ କରିବ ପାପାଚାର,
ତେଜିବ ଅସତ୍ୟ ହିଂସା କପଟତା
ଲୋଭ, କ୍ରୋଧ, ଅହଙ୍କାର । (ମଧୁସୂଦନ)

୯୨ । କ୍ରୋଧପରାୟଣ ବିପଦ-କାରଣେ
ଲୋକଙ୍କୁ ସବୁରି ଡର
ସ୍ନେହ ପରାୟଣ ଅମର୍ଷ ବିହୀନ
ନ ଲଭେ ଶତ୍ରୁ ଆଦର ।
(ବୋଲୁକେଶ୍ୱର ମହାପାତ୍ର)

୯୩ । ଆରକ୍ତ ନେତ୍ର କ୍ରୋଧ ଅଜ୍ଞାନ ନର
ବକ୍ରମନ୍ତ୍ରେ ବିନ୍ଧଇ କୁବାକ୍ୟ ଶର !
ସେ ଅଗ୍ନିବାଣେ ବିନ୍ଧି ନର ହୃଦୟ
ବିକଳ ହୋଇ ହୁଏ ରୁଧିରମୟ । (ନନ୍ଦକିଶୋର)

୯୪ । ଅଶ୍ୱରଶ୍ମି ଗ୍ରାହୀ ସାଧୁ ସମାଜରେ
ପ୍ରକୃତ ସାରଥି ନୁହେଁ
ଅଶ୍ୱସମ ଉତ୍ତେଜିତ କ୍ରୋଧ ଜିଣେ
ଯେହୁ ସେ ସାରଥି ହୁଏ ।

× ×

profssmishra@gmail.com

ଭୁଜଙ୍ଗ ନିର୍ମୋକ ତେଜିଲା ପରାୟେ
କରେ ଯେ କ୍ରୋଧ ବର୍ଜନ
ଜିତେନ୍ଦ୍ରିୟ ବୋଲି ସେହି ମହାଜନେ
ପୂଜନ୍ତି ଜଗତଜନ । (ନନ୍ଦକିଶୋର)

୯୫ । ଯେ ଜନ କ୍ରୋଧ ବିବର୍ଜିତ
ତାହାର ସୁହୃଦ ଜଗତ । (ଜଗନ୍ନାଥ ଦାସ)

ଦୟା

୯୬ । ମହତ ଜନର ଦୟା ସବୁଠାରେ
ସମେ ହୁଏ ବିତରିତ
କର୍ତ୍ତକ ମସ୍ତକୁଁ ନ କରଇ ତରୁ
ସ୍ୱଚ୍ଛାୟା ଅପସାରିତ । (ଗଙ୍ଗାଧର)

୯୭ । ପରେ ଦୟା ବହି ସତ୍ୟ ରକ୍ଷା ପାଇଁ
ପୂର୍ବେ କେତେକେତେ ଲୋକ
କାଟିଛନ୍ତି ନିଜ ହାତେ ପୁଅ ମୁଣ୍ଡ
ମୁହୂର୍ତ୍ତେ ନ କରି ଶୋକ । (ଗୋପବନ୍ଧୁ)

୯୮ । ଜୀବନେ ପାଳ ହେ ସୁନୀତି
ହୃଦୟେ ସଦା ରଖି ପ୍ରୀତି ।
ସକଳ ଜୀବେ ଦୟା ବହି
ପବିତ୍ର କର ଏହି ମହୀ ।

× × ×

ତେଜିଣ ଦ୍ୱେଷ ଅହଙ୍କାର ।
ଅହିଂସା ଧର୍ମ କର ସାର ।
ଲଗାଇ ନିଜ ଧନ ପ୍ରାଣ
ଲୋକର କର ହେ କଲ୍ୟାଣ । (ମଧୁସୂଦନ)

profssmishra@gmail.com

୯୯ । ଦୟା ଉଦାରତା- ସମ୍ପନ୍ନ ମାନବେ
ଦେଖାନ୍ତି ଶରଧା ମାନ
ସଦା ତାଙ୍କ ନୀତି ହୁଏ ଜୟଯୁକ୍ତ
ନ ହୁଅଇ ଅକାରଣ ।

୧୦୦ । ପରମ ଦୟାଳୁର ଗୁଣ
ସର୍ବ ଭୂତରେ ମିତ୍ରପଣ । (ଭାଗବତ)

୧୦୧ । ଜୀବ ପ୍ରତି ଦୟା ସିନା ଅଟଇ ଧରମ
ସୁସ୍ଥ ଶରୀର ସର୍ବଦା ସୁଖ ହିଁ ପରମ । (ବିଶ୍ୱନାଥ କର)

୧୦୨ । ତୃଷ୍ଣାଠାରୁ ବ୍ୟାଧି ଜଗତେ କାହିଁ
ଦୟାଠାରୁ ଧର୍ମ ଅଛି କି କାହିଁ ? (ବିଶ୍ୱନାଥ କର)

୧୦୩ । ନରର ନରତ୍ୱ ଦୟା, ଦୟା ମୁକ୍ତିପ୍ରସୂ
ନିର୍ଦ୍ଦୟ ଯେ ଲୋକ ସେହୁ ନରରୂପୀ ପଶୁ । (ଚିନ୍ତାମଣି)

୧୦୪ । ଦୟାଠାରୁ ବଳିକରି ବଡ଼ଗୁଣ ନାହିଁ
ତ୍ୟାଗ ସେବାଠାରୁ ବଳି ମହତ୍ତ୍ୱ ବା କାହିଁ ? (ଚିନ୍ତାମଣି)

କ୍ଷମା

୧୦୫ । କ୍ଷମା ଗୁଣକୁ ଯେ ନାହିଁ ଉପମା
ବଡ଼ ଯେହୁ ସେହୁ କରଇ କ୍ଷମା
କ୍ଷମା ଗୁଣେ ଗୁଣୀ ହୁଅ;
ଧନ୍ୟ ଧନ୍ୟ ପଦ ପଡ଼ିବ ଜଗତେ
ତେବେ ସିନା ସୁନାପୁଅ । (ଲକ୍ଷ୍ମୀକାନ୍ତ)

୧୦୬ । କ୍ଷମାର ଯଦି ଅଧିକାରୀ
କି ହେବ କଥାର ଚତୁରୀ
କ୍ରୋଧ ତ ଅଛି ଯେବେ ଦେହେ
ବୃଥା ଶତ୍ରୁରେ ଅନୁସରି । (ଭର୍ତ୍ତୃହରି : ଅନୁବାଦ)

profssmishra@gmail.com

୧୦୭ । କ୍ଷମାଗୁଣେ ନର ଭୂଷିତ ହୋଇଲେ
ମିଳିଯାଏ ବଡ଼ପଣ ।
ଅସାଧ୍ୟ ସାଧନ କରିପାରେ ଜନ
ଥିଲେ ଏହି ଦିବ୍ୟ ଗୁଣ ।।

୧୦୮ । ଯେହ୍ନୁ କ୍ଷମାଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ
ଏଇ ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ । (ନନ୍ଦକିଶୋର)

୧୦୯ । କ୍ଷମାକଲେ ଝିଅ ! କ୍ଷମା ତ ମିଳଇ
କ୍ଷମାର ନ ମିଳେ ଅନ୍ତ
କ୍ଷମାର ଗ୍ରହୀତା କ୍ଷମାଦାତା ଦୁହେଁ
ଏ ଭୁବନେ ଭାଗ୍ୟବନ୍ତ ।

ଦିବ୍ୟଧାମୁ ସୁଧା ତରଙ୍ଗିଣୀ ତଟୁଁ
ଓହ୍ଲାଇ ଆସିଛି କ୍ଷମା
ପ୍ରାଣୀ ହିତକର ବାରିଦ ଜୀବନ
ସୁନିର୍ମଳ ଧରାସମା । (ନନ୍ଦକିଶୋର)

୧୧୦ । ରାଜଦଣ୍ଡ ସିନା ଉପୁଜାଏ ଭୀତି
କ୍ଷମା ଭକତି କାରଣ
କ୍ଷମାମୟ ହରି ଅନନ୍ତ ସଂସାରେ
ପାଳନ୍ତି ବିଶ୍ୱଭୁବନ । (ନନ୍ଦକିଶୋର)

୧୧୧ । ନ୍ୟାୟେ ପାପୀ ନର ନ ପାଇବେ ମୁକ୍ତି
କ୍ଷମା ମୁକ୍ତି ଦାନେ କ୍ଷମ
ପାର୍ଥିବ ଶକତି କ୍ଷମା ସୁସଂଯତ
ହୁଏ ଦିବ୍ୟଶକ୍ତି ସମ । (ନନ୍ଦକିଶୋର)

୧୧୨ । ବିଜ୍ଞଜନମାନେ କ୍ରୁଦ୍ଧ ନ ହୁଅନ୍ତି
କ୍ଷମା ଧୈର୍ଯ୍ୟେ ବିଭୂଷିତ
ତିତିକ୍ଷା ସ୍ୱର୍ଗୀୟ କ୍ରୋଧ ନାରକୀୟ
ସ୍ଥିର କର ସୂତା ଚିତ୍ତ । (ନନ୍ଦକିଶୋର)

profssmishra@gmail.com

୧୧୩ । ଦେଇଥିଲେ କ୍ଷମା ମିଳେ ତା ଅଧିକ
ବୁଣିଥିଲେ ଯାଇ ଫଳେ
ଅପୂର୍ଣ୍ଣ ଏକାକୀ ଜୀବାତ୍ମା ତରଇ
ମୃତ୍ୟୁନଦୀ କ୍ଷମାବଳେ । (ନନ୍ଦକିଶୋର)

୧୧୪ । କହିବା ଲୋକ ତ ମହତ ନୁହଇ
ମହତ ସହିବା ଜନ
ସହିଷ୍ଣୁତା ହୀନ ବାଳକ ବାଳିକା
କ୍ରୋଧେ ହୁଅନ୍ତି ଅଜ୍ଞାନ । (ନନ୍ଦକିଶୋର)

୧୧୫ । ତୃଣହୀନ ସ୍ଥାନେ ପଡ଼ିଗଲେ ଅଗ୍ନି
ଆପେ ଆପେ ଲିଭିଯାଏ
କ୍ଷମାହୀନ ଜନ ଆପେ ଦୋଷ ଥାଇ
ଅନ୍ୟେ ଦୋଷୀ କରିଥାଏ ।

୧୧୬ । କ୍ଷମାଠାରୁ ତପ ନାହିଁ ସଂସାରେ
ସନ୍ତୋଷଠାରୁ ସୁଖ ନାହିଁ ବାରେ । (ବିଶ୍ୱନାଥ କର)

୧୧୭ । ଶତ୍ରୁ ମିତ୍ରଠାରେ କ୍ଷମା ଆଚରଣ
ସନ୍ନ୍ୟାସୀ ପକ୍ଷେ ଭୂଷଣ
ନରପତି ପକ୍ଷେ ଅପରାଧୀଠାରେ
କ୍ଷମାଟି ମହା ଦୂଷଣ । (ବିଶ୍ୱନାଥ କର)

୧୧୮ । କ୍ଷମା ଯାହାର ହୃଦେ ରହେ
ବିଷ୍ଣୁ ବସନ୍ତି ତାର ଦେହେ । (ଭାଗବତ)

୧୧୯ । ଦଣ୍ଡିବା ଶକ୍ତି ଯା'ର ଥାଇ
ସେ ପୁଣି କ୍ଷମା ଆଚରଇ । (ଭାଗବତ)

profssmishra@gmail.com

ମାୟା

୧୨୦ । ଏ ମାୟା ପ୍ରପଞ୍ଚ ଜଗତ । ତୋର ଚରଣ ମାତ୍ର ସତ୍ୟ ॥
ଅସତ୍ୟ ସୁତ ଦାର ଧନ । ମୋ ମନ କରେ ନିତ୍ୟ ଧ୍ୟାନ ॥
ମାୟା ସଙ୍କଟେ ଘୋରେ ଜଡ଼ି । ଭବ ବନ୍ଧନେ ଅଛି ପଡ଼ି ॥
ଏ ମୋର ମାୟା ଜାଲ ପାଶ । କିଞ୍ଚିତେ ଛେଦ ହୃଷୀକେଶ ॥
(ଭଗବତ)

୧୨୧ । ମାୟା ସଂସାର ଘୋର ବଣେ । ଏ ଜୀବ ଭ୍ରମେ ଅକାରଣେ ॥
(ଭଗବତ)

୧୨୨ । ସୁତ ତନୟ ଦାର ଦାସ । ଏ ସବୁ ବିଜୁଳି ପ୍ରକାଶ ॥
ଏହାଙ୍କ ସ୍ନେହ ବନ୍ଦୀ ହୋଇ । ପୋଷଇ ଦୁଃଖ ଭର ବହି ॥
ଏ ପୁଣି ଯାନ୍ତି କର୍ମ ପଥେ । ଶୋକ ସନ୍ତାପ ଦେଇ ଚିତ୍ତେ ॥
ଏହାଙ୍କ ସଙ୍ଗେ ଲଭ ଏହି । ଏ ଭବ ମୁକ୍ତ ନ ଜାଣଇ ॥

× × ×

୧୨୩ । ଏ ମାୟା ଜଗତ-ମୋହିନୀ । ଖେଳଇ ଜୀବ ଆତ୍ମା ଘେନି ॥

୧୨୪ । ଏ ବିଷ୍ଣୁ ମାୟାର କାରଣ । ସୃଷ୍ଟି ପାଳନ ସଂହାରଣ ॥

× × ×

୧୨୫ । ଦୁର୍ବୋଧ୍ୟ ଈଶ୍ୱରର ମାୟା । ମୂଢ଼ କେମନ୍ତେ ଜାଣେ ତାହା ॥
(ଭଗବତ)

୧୨୬ । ଯାବତ ମାୟା ନୁହେଁ ହତ । ତାବତ ଦୁଃଖସ୍ମଣେ ଗ୍ରସ୍ତ ॥
ଯାବତ ନାନା ଭବେ ଛନ୍ନ । ତାବତ ଜୀବ ପରାଧୀନ ॥
(ଭଗବତ)

୧୨୭ । ଏ ମାୟା ପ୍ରକୃତି ବିକାର । ଜଗତ ହେତୁ ଏ ବେଭାର ॥

× × ×

୧୨୮ । ନୁହଇ ମାୟାରେ ମୋହିତ । ସେ ପ୍ରାଣୀ ମହା ଭାଗ୍ୟବନ୍ତ ॥
(ଭଗବତ)

profssmishra@gmail.com

୧୨୯ । ଭବସିନ୍ଧୁ ମାୟା ଶୈଳମୟ
ସମସ୍ତ ଛଳନା ପୂର୍ଣ୍ଣ ସେ ଶୈଳେ ସର୍ବଦା ଚୂର୍ଣ୍ଣ
ହୁଅଇ ଆଶାର ତରୀ; କାମନା ନିଚୟ
ବିଫଳ ସତତ, ଚିର ନୈରାଶ୍ୟ ଆଳୟ । (ମଧୁସୂଦନ)

୧୩୦ । ଭୀମକାନ୍ତ ସମାବେଶ ଏ ଧରା
କୃଷ୍ଣ ଶୁକ୍ଳ ପକ୍ଷେ ମାସକ ପରା ।
ଆସିବ ନିଦାଘ ଯିବ ତ ମଧୁ
କାହିଁ ଉଡ଼ିଯିବ ତୋ ପକବଧୂ ?
ଜୀବନ ଦୁର୍ଦ୍ଦିନେ ବଢିବ ଦକ
କାହିଁଥିବ ତୋର ଗଟୁ ଗାୟକ ?
କିଏ ଅସୁନ୍ଦର କିଏ ସୁନ୍ଦର
ଘୋର ଭ୍ରାନ୍ତି-ଗର୍ତ୍ତେ ପଡ଼ିଛୁ ନର ।
ଚର୍ମ ଦିଶେ ସିନା ସୁନ୍ଦର ସାର
ଦେଖ ତା ଭିତରକି ନାରଖାର ।
ତୋର ଗୋର ଦିଶେ ଆଜିରେ ଯାହା
କି ବିଷାଦମୟ ଚରମେ ତାହା ।
(ନନ୍ଦକିଶୋର)

୧୩୧ । ସଂସାର ଅଟଇ ବିଷମ ମାୟା
କାୟା ତଳେ ତାହା ଅସାର ଛାୟା ।
(ନନ୍ଦକିଶୋର)

୧୩୨ । ସଂସାରର ପ୍ରେମ ଆବିଳ ଭଇ
ନିର୍ମଳ ପ୍ରେମ ଏ ସଂସାରେ ନାହିଁ ।
ଯେତେଦିନ କରି ଅର୍ଥ ଅର୍ଜନ
କରିବୁ କୁଟୁମ୍ବ ପ୍ରତି ପାଳନ ।
ତେତେଦିନ ପାଣ୍ଟ କୃତଜ୍ଞ ମନେ
କରିବେ ଆଦର ଆତ୍ମୀୟ ଜନେ
ହେଲେ ବେଳ ଆସି ଘୋଟିବ ଜରା
ସେ ବେଳ ଏ ବେଳ ଅମେଳ ପରା ।
ହଟିଯିବ ବଳ ତୁଟିବ ଶିରୀ
ବୋଲୁଥିବେ ଲୋକେ ଆସ ଡ଼ିମିରି ।
ଅକର୍ମା ହୋଇଲେ ଚରମ କାଳେ
ନ ଗ୍ରହିବେ କେହି ତୋ ମୁଖ ଢାଳେ ।

profssmishra@gmail.com

ରୋଗେ ହେଲେ ଦେହ ନରକେ ବାସ
ନାସିକା ନୁଆଁଇ ଛାଡ଼ିବେ ଶ୍ୱାସ ।
ବୋଲିବେ ଏ ବୃଦ୍ଧ ତୁରନ୍ତ ମରୁ
ଭାଇ ବନ୍ଧୁଙ୍କର ଭାବନା ସରୁ ।
(ନନ୍ଦକିଶୋର)

୧୩୩ । ନ ରହିବ ରୂପକାନ୍ତି ଦେହର ସାମର୍ଥ୍ୟ
କାଳଚକ୍ର ପେଷି ସବୁ କରିଦେବ ବ୍ୟର୍ଥ ।
ନାହିଁ ତ ଦେହର ସୁଖ, ଦୁଃଖର ଆଳୟ
ଯାହାର ବାର୍ଦ୍ଧକ୍ୟ ପୀଡ଼ା ମରଣ ନିଶ୍ଚୟ ।
ଦେହର ସାମର୍ଥ୍ୟ କାଳ ନେଉଅଛି ହରି
ଚାଲିବାକୁ ହେବ ଠୁକୁଠୁକୁ ବାଡ଼ି ଧରି ।
କ୍ରମେ କ୍ରମେ ପଡ଼ିଯିବ ଦଶନ ସକଳ
ହେବ ମସ୍ତକର କେଶ ତୁଷାର ଧବଳ ।
ଗଳିତ ପଳିତ ମାଂସ, ଇନ୍ଦ୍ରିୟ ବିକଳ
ଏହି ଦେହ ହେବ ଦୁଃଖ-ଆଧାର କେବଳ ।
ପ୍ରଣୟ ମମତା ସ୍ନେହ ସୁଖ ଆଶା ମାୟା
ଏହିସବୁ ଜୀବନର ଚିରସ୍ଥାୟୀ ଛାୟା ।
(ଫକୀରମୋହନ)

୧୩୪ । ଭ୍ରାନ୍ତ ଜୀବ ମୋହପାଶେ ହରାଇ ବିବେକ
ଆତ୍ମକାର୍ଯ୍ୟ ଫଳ ଭୁଞ୍ଜେ ଯନ୍ତ୍ରଣା ଅନେକ ।
(ଫକୀରମୋହନ)

୧୩୫ । ଅବିଶ୍ରାନ୍ତ ନଦୀସ୍ରୋତ ସମାନେ ଜୀବନ
ଧାବିତ ମରଣ ସିନ୍ଧୁ ଗର୍ଭେ ଅନୁକ୍ଷଣ ।
ବ୍ୟାଧ ଜାଲେ ବଦ୍ଧମୃଗ ସମାନେ ଜୀବନ
ଜନମ ମରଣ ବଦ୍ଧ ମୋହେ ଅଚେତନ ।
ସୁଖ ଲୋଡ଼ି ଦୁଃଖ ଭୁଞ୍ଜେ ଆପାତ ମଧୁର
କାର୍ଯ୍ୟେ ଲିପ୍ତ ମୃଗତୃଷ୍ଣା ଦେଖି ତୃଷାତୁର ।
ନଦୀ ସ୍ରୋତେ ଶୁଷ୍କତୃଣ ସମାନେ ମିଳନ
ଜଗତରେ ତଥା ଜ୍ଞାତି ବନ୍ଧୁ ପରିଜନ ।
(ଫକୀରମୋହନ)

profssmishra@gmail.com

୧୩୬ ।
ଅନ୍ତରର ଗଢ଼େ ଝିଙ୍କିବ ଯେତିକି
ମାୟାବେର ତଳେ ଭେଦିବ ସେତିକି
ସେ କଠିନ ଝିଙ୍କାଝିଙ୍କିରୁ ନିସ୍ତାର
ଲାଭ ଲାଗି ଆଗୁ ହୁଅ ହୁସିଆର ।

(ରାଧାନାଥ)

୧୩୭ ।
କେତେଦିନକୁ ମନ ବାନ୍ଧିଛୁ ଆଣ୍ଟ
କି ଘେନି ଯିବୁ ତୋର ଛୁଟିଲେ ଘଟରେ !
ଖଣ୍ଡି ଯେ ଖଣ୍ଡି ତୋର ପଞ୍ଜର ହାଡି
ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟିରେ ।

× ×

ଗଲେଣି ତୋ ଆଗନ୍ତୁଁ ଯେତେକ ଜନ
ଗଣ୍ଠିରେ ବାନ୍ଧିନେଲେ କେ କେତେ ଧନରେ !

× ×

ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ
ଘଟ ଛୁଟିଲେ ତୋତେ ବୋଲିବେ ଭୂତରେ !

× ×

ଛାର ଦେହକୁ ମନ କରିଛୁ ସାର
ଛନ୍ଦ କପଟ ତେଜି ଗୋବିନ୍ଦ ଭଜ ରେ !
ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା
ଛ' ଖଣ୍ଡି କାଠ ହେବ ତୋ ପାଇଁ ଲୋଡ଼ା ରେ !

× ×

ଝୁଣ୍ଟି ପଡ଼ିଲେ ଉଠି ପାରିବୁ ନାହିଁ
ଝଡ଼ିଲା ଧନ ବୃକ୍ଷେ ଲାଗିଛି କାହିଁରେ !

× ×

ଏବେ ତୁ ଚେଇଥିଲେ ଦେଖଣା ପାଇବୁ
ଅଣ ଆୟତ ବେଳେ କି ଘେନି ଯିବୁ ରେ ।

× ×

ଭେଳା ବୁଡ଼ିବ ହେଲା କାଳେ କହୁଛି
ଭଙ୍ଗା ନାବରେ କେବା ସିନ୍ଧୁ ତରିଛି ରେ !

(ଭକ୍ତଚରଣ)

profssmishra@gmail.com

୧୩୮ । ଏହି ତ ଜଗତ   ମାୟାରେ ମାତବ
ମାୟା କି ମନମୋହନ
ମୋହର ମୋହର   ବୋଲି ମୁଁ ମରୁଛି
ମୋର ନୁହେଁ ମୋ ଜୀବନ ।   (କୁନ୍ତଳା କୁମାରୀ)

୧୩୯ । କେ କା'ର ସନ୍ତତି   କେ କାହାର ପିତା
କେ ମାତା କେ ସୁତ କହ ?
ମାୟାନେତ୍ରେ ସବୁ   ବିଶେ ଛନ୍ଦାଛନ୍ଦି
ମାୟା ଅନ୍ତେ ଶୂନ୍ୟମୟ ।
ଶୃଙ୍ଖଳେ ଶୃଙ୍ଖଳ   ଛନ୍ଦିଥିଲା ଭଳି
ମାୟା ଡୋରେ ଛନ୍ଦାଛନ୍ଦି
ପିତା, ମାତା, ଭ୍ରାତା,   ଭଗିନୀ, ସନ୍ତାନ
ପତି, ପତ୍ନୀ ବନ୍ଧାବନ୍ଧି ।   (କୁନ୍ତଳା କୁମାରୀ)

ସତ୍ୟ

୧୪୦ । ବାଳକେ ମୋର ବୋଲ କର । ସତ୍ୟ ପାଳିବ ନିରନ୍ତର ।।
ସତ୍ୟ ଅଟଇ ଶ୍ରେଷ୍ଠ ଧର୍ମ । ସତ୍ୟ ସାଧନ ଶ୍ରେଷ୍ଠ କର୍ମ ।।
ବ୍ରହ୍ମାଣ୍ଡ ମଧ୍ୟେ ସତ୍ୟ ସାର । ସତ୍ୟ ହିଁ ଏକା କଳିଆର ।।
ପିତାମାତାଦି ବନ୍ଧୁ ଜନ । ଐଶ୍ୱର୍ଯ୍ୟ ପୂର୍ଣ୍ଣ ଏ ଭୁବନ ।।
ଆବର ଗୁରୁ ଶାସ୍ତ୍ର ବାଣୀ । ସକଳ ତୁଳ କର ଆଣି ।।
ତଥାପି ସତ୍ୟଠାରୁ ଉର୍ଦ୍ଧେ । ନିଉନ ହେବେ ସେ ଗୌରବେ ।।
ସତ୍ୟର ଜୟ ଧ୍ରୁବ ବାଣୀ । ବିଶ୍ୱାସେ ଏହା ଥିବ ଜାଣି ।।
ମିଥ୍ୟା ବର୍ଜିବ ସର୍ବକ୍ଷଣେ । ସତ୍ୟ ସେବିବ ସଯତନେ ।।
ସତ୍ୟ ଚିନ୍ତନ ସତ୍ୟ ବାଣୀ । ସତ୍ୟ ସାଧନ ସାର ଜାଣି ।।
ପାଳିବ ମହା ସତ୍ୟ ବ୍ରତ, । ହୋଇବ ତେବେ ମୋ ଭକତ ।।
(ମଧୁସୂଦନ)

profssmishra@gmail.com

୧୪୧ । ମୁଖେ ସଦା ସତ୍ୟ କଥା ସତ୍ୟ ଚିନ୍ତା ମନେ
ମୁଖେ ଅବା ମନେ ମିଥ୍ୟା ନ ରଖିବି କ୍ଷଣେ । (ମଧୁସୂଦନ)

୧୪୨ । ଭଷିଣ ସତ୍ୟ ପ୍ରିୟ ବାଣୀ
ତୋଷିବ ନିତ୍ୟ ସର୍ବ ପ୍ରାଣୀ । (ମଧୁସୂଦନ)

୧୪୩ । ସତ୍ୟେ ମନ ରଖି ସତ୍ୟକୁ ବୁଝିବି
ଗାଇବି ସତ୍ୟର ଜୟ
ମଙ୍ଗଳ କାର୍ଯ୍ୟରେ ଲଗିଥିବି ସଦା
ତେଜିଣ ସକଳ ଭୟ । (ମଧୁସୂଦନ)

୧୪୪ । ସତ କହିବାକୁ କିଆଁ ଡ଼ରିବି,
ସତ କହି ପଛେ ମଲେ ମରିବି ।
ମୋତେ ଏତିକି ଶିଖାଅ ସାଇଁ ହେ,
ମୋର ଧନ ଜନ ଲୋଡ଼ା ନାହିଁ ହେ ! (ରାମକୃଷ୍ଣ)

୧୪୫ । ମିଥ୍ୟାକୁ ପାପ ବୋଲି ଜାଣି
କହିବ ସଦା ସତ୍ୟ ବାଣୀ । (ଜଗନ୍ନାଥ ଦାସ)

୧୪୬ । ସତ୍ୟ ଉପରେ ଧର୍ମ ନାହିଁ
ଏକଥା ପୃଥ୍ୱୀ ଅଛି କହି । (ଭାଗବତ)

୧୪୭ । ସତ୍ୟକୁ ଯେ ଚନ୍ଦ୍ର ସୂର୍ଯ୍ୟ ଆତଯାତ ହୋଇ
ସତ୍ୟକୁ ଯେ ପ୍ରାଣୀମାନେ ଦେବତା ପୂଜଇ ।
ସତ୍ୟକୁ ଯେ ବୃକ୍ଷମାନେ ଫଳୁଛନ୍ତି ଫଳ
ସତ୍ୟକୁ ଯେ ଇନ୍ଦ୍ରରାଜ ବୃଷ୍ଟି କରେ ଜଳ । (ଦୀନକୃଷ୍ଣ)

୧୪୮ । ସତ୍ୟ ସମ କଟୁ ବଚନ କାହିଁ ?
ମିଥ୍ୟାଠାରୁ ଗୀର ମଧୁର କାହିଁ ? (ନନ୍ଦକିଶୋର)

୧୪୯ । ସତ୍ୟ ଯୋଗୁ ସିନା ବହେ ସମୀରଣ,
ସତ୍ୟ ଯୋଗୁ ରବି ଦିଅଇ କିରଣ ।
ସତ୍ୟ ଯୋଗୁ ଏକା ଅଛି ଏ ଧରଣୀ,
ସର୍ବେ ସତ୍ୟଲାଗି ପ୍ରତିଷ୍ଠିତ ମଣ । (ବିଶ୍ୱନାଥ କର)

୧୫୦ । ସତ୍ୟରେ ମରିବି ସତ୍ୟରେ ତରିବି ଏହି ଆଜ୍ଞା ମୋତେ ହେଉ
କହେ ଭୀମଭୋଇ ଏ ମର୍ତ୍ତ୍ୟମଣ୍ଡଳେ ଯଶ ଅପଯଶ ଥାଉ (ଭୀମଭୋଇ)

profssmishra@gmail.com

୧୫୧ । ସତ୍ୟ କି ରହିବ ଗୋପନ କାହିଁରେ
ଅଣ୍ଡରେ କି ଲୁଚେ ନିଆଁ
ଶତ ଆବରଣ ଫୁଟି ବିକଶବ
ବିସ୍ମିତ କରି ଦୁନିଆଁ । (ବୋଷାନନ୍ଦ ଦାଶ)

୧୫୨ । ସତ୍ୟ ଶିବ ସୁନ୍ଦର ସତ୍ୟ ମହାନ
ନିଜେ ସତ୍ୟ ମୂରତି ଶ୍ରୀ ଭଗବାନ
ସକଳ ସଦା ଭବେ ସତ୍ୟ ସରଣୀ
ସତ୍ୟ ସେ ଭୀମ ଭବସିନ୍ଧୁ ତରଣୀ ।

× ×

ସତ୍ୟରେ ଦିଏ ପ୍ରଭା ଶଶୀ ନିଶାରେ
ବ୍ରହ୍ମାଣ୍ଡମାଳା ଗୁନ୍ଥା ସତ୍ୟର ତାରେ ।

× ×

ସତ୍ୟଧର୍ମ ଏ ବେନି ନିତି ସଂଯୁକ୍ତ
ଏ ମହାବାଣୀ ବେଦେ ପୁରାଣେ ଉକ୍ତ ।
ଏକ ବିନୁ ଅପର ଥାଇ ନ ପାରେ
ସନ୍ଥ ଯେ ସତ୍ୟ ତେଣୁ ନ ଟଳେ ଗାରେ ।
ସତ୍ୟ ଯେ ଦୀକ୍ଷାଶିକ୍ଷା ସତ୍ୟ ଯେ ସାର
ସବୁ କୁଶଳତାଟି ସତ୍ୟ ଭଣ୍ଡାର ।

× ×

ସତ୍ୟକୁ ଯେଉଁ ନର ଦୃଢ଼େ ଧରଇ
ଭୀମ ଭବାର୍ଣ୍ଣବ ସେ ହେଳେ ତରଇ । (ରାଧାନାଥ)

୧୫୩ । ସତ୍ୟବାଦୀ ହୋଇ କ୍ଷଣେ ବଞ୍ଚିଥିଲେ
ଯୁଗେ ବଞ୍ଚିଥିବା ପରି
ତୋଷାମୋଦୀ ହୋଇ ଅମର ହେଲେହେଁ
[illegible] ମରିଯିବା ସଙ୍ଗେ ସରି । (ରାଧାନାଥ)

୧୫୪ । ସତ୍ୟେ ମାନବର ସତ୍ତ୍ୱ ପରକାଶେ
ଭୀମ ରିଜଶକ୍ତି ନାଶେ ସତ୍ୟପାଶେ । (ଗୋପବନ୍ଧୁ)

୧୫୫ । ଲ ସତ୍ୟ ପଥେ ନାହିଁ ଡର ଭୟ
ଅନୁହଯୋଗରେ ବିଜୟ ନିଶ୍ଚୟ ।

× ×

profssmishra@gmail.com

ହେଉ ପଛେ ହେବ ଆଉ ଯେ ଯାତନା
ସତ୍ୟେ ଚଳି କର ସତ୍ୟର ସାଧନା । (ଗୋପବନ୍ଧୁ)

୧୫୬ । ଲୁଚି ରହେ ନାହିଁ ସତ୍ୟ ଚିର ଦିନ
କାଳେ ହୁଏ ତା ବିବୃତି
ନାହିଁ ଧର୍ମପଦ ଭଙ୍ଗିଛି ଦେଉଳ
ଅଛି ଏବେ ଜନଶ୍ରୁତି । (ଗୋପବନ୍ଧୁ)

୧୫୭ । ସତ୍ୟ, ଶମ, ଦମ, ଶଉଚ, ତିତିକ୍ଷା
ଏ ଆଦି ସକଳ ତୁମ୍ଭ କୁଳ ଦୀକ୍ଷା
ଆଚରିଣ ତାହା ଜୀବନେ ନିରତେ,
ବ୍ରହ୍ମତ୍ୱର ତେଜ ପ୍ରକାଶ ଜଗତେ । (ଗୋପବନ୍ଧୁ)

୧୫୮ । ଅନ୍ୟାୟ ଅଧର୍ମ ପାପ ଅତ୍ୟାଚାର
ମାନେ ଅବଶେଷେ ସତ୍ୟ ପାଖେ ହାର । (ଗୋପବନ୍ଧୁ)

୧୫୯ । ସତ୍ୟ ଅଟେ ସବୁ ଗୁଣର ସାର
ସତ୍ୟକୁ କରିବୁ ଗଳାର ହାର ।
ସଦା ସତ ଥିବୁ ରହି
ଅସତ ହୋଇଲେ ଜାଣିଥିବୁ ଭଲେ
ଆପେ ଆପେ ଯିବୁ ଠକି । (ଲକ୍ଷ୍ମୀକାନ୍ତ)

୧୬୦ । ସତ୍ୟବ୍ରତ ଆଚରଣ ମାତ୍ର ଉତ୍ତମ ଜୀବନକୁ କରଇ ଗଠନ
ହୃଦକୁ କରଇ ଶୁଦ୍ଧ, ଲଜ୍ଜାଶୀଳ, ଅନୁରକ୍ତ, ସଦାଗ୍ରହୀ ମନ ।
ମାତାକୁ କେ ଛାଡ଼ିପାରେ ମାତା ପରି ଜୀବନର ଧର୍ମ କର୍ମ ଶିକ୍ଷା
ଯେ ତେଜସ୍ୱୀ ଜୀବନ ସେ ଦିଏ ହେଲେ ନ ଛାଡ଼ଇ ଜୀବନର ଦୀକ୍ଷା ।
(ନୀତିଶତକ : ଭର୍ତ୍ତୃହରି—ଅନୁବାଦ)

୧୬୧ । ନୃପତି ପଣରେ ସମ୍ପତ୍ତି ହରିଶ୍ଚନ୍ଦ୍ରଟି ଦେଲେ
ବଳିରଜା ସତ୍ୟ ପାଳି ହେ ପଶିଲେଟି ପାତାଳେ ।
ସତ୍ୟରେ କାଟିଲେ ସତ୍ୱରେ ଶିବି ଦାତା ଦେହକୁ
ବିଷ ହର କଲେ ପ୍ରାଣ ହେ ନ ଲଂଘିଲେ ସତ୍ୟକୁ ।
ସହିଛି ଭରକୁ ବହିଛି ମହୀ ବାସୁକି ସତ୍ୟେ
ସଦୟ ହୃଦୟ ସତ୍ୟେ ହେ ଉଦେ ଚନ୍ଦ୍ର ଆଦିତ୍ୟେ ।

× ×

profssmishra@gmail.com

ସପତ ସାଗର ଲଙ୍ଘିତ ହୋଇ ସତ୍ୟକୁ ରହେ
ପର୍ବତ ମନ୍ଦର ଗର୍ବ ତ ଛାଡ଼ି ନ ବଢ଼େ କାୟେ ।
ଛାଡ଼ନ୍ତି ସତ୍ୟକୁ ପଡ଼ନ୍ତି କେଣେ ବିଷୟ ମୋହେ
ସୁତ ଦାର ବିତ୍ତ ପର ହେ କେହି କାହାର ନୋହେ ।
(କେଶବ ପଟ୍ଟନାୟକ)

ଧୈର୍ଯ୍ୟ

୧୬୨ । ଧୈର୍ଯ୍ୟ ଏକା ବିପଦଗ୍ରସ୍ତ ପ୍ରାଣୀଙ୍କୁ ଉଦ୍ଧାରେ
ବିପଦ ସମୟେ ଯେଉଁ ଧନ୍ୟ ଧୈର୍ଯ୍ୟ ଧରେ ।
ନିଶ୍ଚୟ ସେ ଜନ ହୁଏ ଜଗତ ବିଜୟୀ
ଧୈର୍ଯ୍ୟ ସମ ହିତକାରୀ ସଂସାରରେ ନାହିଁ ।
ବଳବୀର୍ଯ୍ୟ ସାହସର ମୂଳ ଅଟେ ଧୈର୍ଯ୍ୟ
ଧୈର୍ଯ୍ୟବନ୍ତ ପ୍ରାଣୀଙ୍କର କ୍ରମେ ବଢ଼େ ତେଜ ।
(ବାଲ୍ମୀକି ରାମାୟଣ : ଲଙ୍କାକାଣ୍ଡ)

୧୬୩ । ଦୁଃଖ ସନ୍ତାପେ ଧୀର ଜନ
ଛାଡ଼ିକି ପାରେ ଧୈର୍ଯ୍ୟ ଗୁଣ
ଅଗ୍ନିକୁ କର ଅଧୋମୁଖ
ଅଗ୍ନି ଯେ ସଦା ଊର୍ଦ୍ଧ୍ୱଶିଖ । (ନୀତିଶତକ)

୧୬୪ । ବିପଦରେ ଧୈର୍ଯ୍ୟ ସମ୍ପଦରେ କ୍ଷମାଭାବ
ଯୁଦ୍ଧେ ପରାକ୍ରମ ଅଭିଳାଷ ଯଶୋଲାଭ
ସଭାରେ ବଚନ ଚତୁରୀ ଶାସ୍ତ୍ରରେ ମତି
ମହତ-ଜନର ସ୍ୱଭାବ ସୁଲଭ ଗତି । (ନୀତିଶତକ)

୧୬୫ । ଧୀର ସ୍ଥିର ନୋହି ଉତ୍ତେଜିତ ହେଲେ
କାର୍ଯ୍ୟ କେବେ ସିଦ୍ଧ ନୁହେଁ,
ଧୀର ପାଣି ଯଥା ପଥର କାଟଇ
ସ୍ରୋତ ତହିଁ ବ୍ୟର୍ଥ ହୁଏ । (ନୀତିନିର୍ଝରିଣୀ)

profssmishra@gmail.com

୧୬୬ । ବିପଦ ଆସିଲେ ସୁଦ୍ଧା ଧଇର୍ଯ୍ୟ ନ ତେଜି
ଧୈର୍ଯ୍ୟବଳେ, ତରିଥାନ୍ତି ପ୍ରାଣୀ ଥାଅ ହେଜି,

ଅତଳ ସାଗରେ ପୋତ ଭଗ୍ନ ହେଲେ ଯଥା
ଧୈର୍ଯ୍ୟଶାଳୀ ଯାତ୍ରୀ ତରିବାକୁ ଇଛେ ଯଥା ।

(ବିଶ୍ୱନାଥ କର)

୧୬୭ । ଧୈର୍ଯ୍ୟ ଧର ପ୍ରାପ୍ତ ହେବ ନିଶ୍ଚେ ପୁରସ୍କାର
ସାଧୁ ଚେଷ୍ଟା ହୁଏ ନାହିଁ ବିଫଳ କାହାର । (ଚିନ୍ତାମଣି)

୧୬୮ । ଧୀରେ ଗ୍ଲ ସିଧା ସହଜ ବାଟେ
ଧୀର ପାଣି ଏକା ପଥର କାଟେ
ହାନିରେ ଲଭରେ ଧୀର
ରହିଥାଏ ଯେହୁ ସଂସାରରେ ସେହୁ
ହୋଇଏଟି ସିନା ବୀର । (ଲକ୍ଷ୍ମୀକାନ୍ତ)

ଚରିତ୍ର

୧୬୯ । ସଚ୍ଚରିତ୍ର ଜଗତର ରତ୍ନ ପ୍ରିୟତମ
ସେ ରତ୍ନେ ଶୋଭିତ ଯାର ଅଙ୍ଗ ମନୋରମ ।
ଅନଳ ତା ପାଶେ ଜଳ ସମ ଯେ ଶୀତଳ
ଅକାତରେ ତରେ ସେହୁ ସାଗର ଦୁସ୍ତର ।
କ୍ଷୁଦ୍ର ଶିଳା ସମ ଲଙ୍ଘେ ମେରୁ ଉଚ୍ଚତମ
ସିଂହରେ କରଇ ବଶ ଶଶାଙ୍କର ସମ ।
ବିଷଧର ସର୍ପ ଦର୍ପ ହୀନ ମାଳା ପରି
ହୁଏ ତାର ସ୍ପର୍ଶେ, ବିଷ ପୀୟୁଷର ସରି । (ନୀତିଶତକ)

profssmishra@gmail.com

୧୭୦ । ସତ୍ୟବାଦୀ ସୁଚରିତ୍ର ବିଶୁଦ୍ଧ ଆଚାରୀ
ସୁଲଭ ବସନ ତୁଷ୍ଟ ଆପଦ ଭିକାରୀ ।
ପରଦୁଃଖ ହରି କରେ ଆଶିଷ ଅର୍ଜନ
ତହିଁ ପାଇଁ କରେ ନାନା ଉପାୟ ସର୍ଜନ ।
ପ୍ରାଣ ଆଶା ତେଜି ରଖେ ବିପନ୍ନର ପ୍ରାଣ
ସତ୍ ସାହସେ ପାଉଥାଏ ବିପଦରୁ ତ୍ରାଣ ।
ନ୍ୟାୟପଥେ ଅର୍ଜି କରେ କୁଟୀରେ ନିବାସ
ପର ପରସାଦେ ଲୋଭେ ନ କରେ ପ୍ରୟାସ ।
ନ କହେ ତାହାକୁ ପଛେ କେହି ମହାଜନ
ଜଗତରେ ସେହି ଲୋକ ଏହା ମହାଜନ । । (ଗଙ୍ଗାଧର)

୧୭୧ । ମହତ ଚରିତ୍ରେ ମିଥ୍ୟା ଦୋଷାରୋପ
ନୀଚତାର ପରିଚୟ
ତହିଁ କିଛି ହୋଇ ନ ପାରେ ମହତ
ମହିମାର ପରିଚୟ ।
ଅକ୍ଷୟ ଚନ୍ଦ୍ରକୁ କ୍ଷୟ ଜ୍ଞାନ କଲେ
କ୍ଷତି କିସ ଚନ୍ଦ୍ରଙ୍କର
ଦୋଷ ସିନା ତାହା ନିଜର ଅଜ୍ଞାନ
ତମସାନ୍ଧ ନୟନର । (ଗଙ୍ଗାଧର)

୧୭୨ । ଥିଲେ ଥାଉ ପଛେ ଗୁଣ ହଜାର
ଚରିତ୍ର ନ ଥିଲେ ସବୁ ଅସାର ।

୧୭୩ । ଚରିତ୍ରେ କରେ ଯେ ବିଶେଷ ମମତା
ଚରିତ୍ର ହିଁ କରେ ମାନବେ ଦେବତା ।
ଜଗେ ଯେ ଚରିତ୍ର ହୋଇ ସାବଧାନ
ନୀଚ ହେଲେ ବି ସେ ପୂଜ୍ୟ ମହୀୟାନ । (ଘୁମୁସର କାବ୍ୟ)

୧୭୪ । ସଂଯମୀ ମାନବ ଇହ ଜଗତରେ
ଲଭଇ ସର୍ବଦା ସୁଖ
କାମ, କ୍ରୋଧ, ଲୋଭ, ଶୋକ, ମୋହମାନ
ନ ପାରଇ ଦେଇ ଦୁଃଖ ।

profssmishra@gmail.com

ପରଧନ, ରୂପ ବଳ, କୁଳ ସୁଖ
ସଉଭାଗ୍ୟ ସତକାରେ
ଯେ ଜନ ଈର୍ଷାକୁ କରଇ ପୋଷଣ
ବୁଡେ ଦୁଃଖ ପାରାବାରେ ।

୧୭୫ । ନିଜର ଚରିତ୍ର ଯା'ର ଅମୂଲ୍ୟ ସମ୍ପଦ
ଅପରକୁ ଦିଏ ନାହିଁ ଭୟ
ନିର୍ଭୀକ ସେ, ପଥ ତାର ସଦା ନିରାପଦ
ସବୁଠାରେ ଲଭେ ସେହୁ ଜୟ ।
(କାଳିନ୍ଦୀଚରଣ)

୧୭୬ । ଚରିତ୍ର ହୀନର କୁଳ ନୁହଇ ପ୍ରମାଣ
ନୀତିସାର ବାକ୍ୟ ଏହା ବୁଝ ହେ ସଜନ !
ନୀଚ କୁଳଜାତ ଲୋକ ସଦାଚାର ବଳେ
ଶ୍ରେଷ୍ଠ ପଦ ଅଧିକାରୀ ହୁଅଇ ଭୂତଳେ ।

୧୭୭ । ଦୋଷ ପିପୀଲିକା ଦଂଶନ ସଂସାରେ ଘଟିଥାଏ ଅନୁକ୍ଷଣ
ଏକକୁ ମାରିଲେ ଇତର ଦଂଶଇ ଜୀବବନ୍ଧ ଅକାରଣ ।
ଏକ ଅନ୍ତେ ଆସେ ଆନ ପିପୀଲିକା ମାରିବା ହୁଏ ବିଫଳ
ପ୍ରତିହିଂସା ରୋଗେ ନ ହୋଇ ବିକୃତ ହୃଦୟ ନିର୍ମଳ କର ।
—ନନ୍ଦକିଶୋର

୧୭୮ । ନିଜେ ଯେ ନିଜର ବନ୍ଧୁ
ଜିତେନ୍ଦ୍ରିୟ ଅଟଇ ଯେ ଜନ
ନିଜେ ଯେ ନିଜର ବୈରୀ
ରିପୁଙ୍କୁ ଯେ ନ କରେ ଦମନ । (ମଧୁସୂଦନ)

୧୭୯ । ସୁଚରିତ୍ର ସୁଶୀଳ ଯେ ପ୍ରସନ୍ନାତ୍ମା
ଆତ୍ମଜ୍ଞ ସୁମତି
ଇହଲୋକେ ଲଭେ ମାନ, ପରଲୋକେ
ଲଭଇ ସଦ୍‌ଗତି । (ମଧୁସୂଦନ)

୧୮୦ । ଆପେ ଆପଣାର ବନ୍ଧୁ ଆତ୍ମଜିତ ଯେହି
ଜୀବାତ୍ମାର ବଶ, ନିଜେ ନିଜ ଶତ୍ରୁ ସେହି ।
(ବାବାଜୀ ବୈଷ୍ଣବ ଚରଣ ଦାସ)

profssmishra@gmail.com

ଭାଗ୍ୟ

୧୮୧ । ଭାଲ ଅକ୍ଷର କେ କରିବ ଆନ
ଭାବନା ସମୁଦ୍ରେ ହେଲେ ମଜ୍ଜନ
ଭାବନା ମନରେ
ଭାଗ୍ୟକୁ ବଳି ଅଛି କେ ସଂସାରେ । (ଅଭିମନ୍ୟୁ)

୧୮୨ । ସବୁଠାରୁ ମୂଳ-କର୍ମ ଦୁର୍ଲଭ ଲଭଇ
ଉଦ୍ୟମେ, କର୍ମ ବିପାକେ କାର୍ଯ୍ୟକୁ ନ ପାଇ
ସିନ୍ଧୁ ମନ୍ଥନରେ ଶ୍ରମ କରିଣ ଅସୁରେ
କ୍ଷମ ନୋହିଲେ ସେ ଆଉ ଅମୃତ ପାନରେ । (ଉପେନ୍ଦ୍ର ଭଞ୍ଜ)

୧୮୩ । କର୍ମେ ଯେଉଁ ଦଶା ଯାହାର ଥାଇ
କାହାବଳେ ଆନ କରି ନୁହଇ ।
କୁଶକେତୁ ଆସନ ଶ୍ରୀନିବାସ
କୃଷ୍ଣ କରେ ଥାଇ, ନାଥ ଦିନେଶ ।
କେତେ କେତେ ବଡ ପ୍ରଭୁ ଏମାନେ
କରି ପାରନ୍ତି ଅଭୟ ବଚନେ ।
କେହି ରଖି ନ ପାରିଲେ ସେକାଳେ
(ପଦ୍ମ) କଳ ଭୋଗ ଯାହା ଥିଲା କପାଳେ । (ଦୀନକୃଷ୍ଣ)

୧୮୪ । ଲାଗିଛି ଉତ୍‌ଥାନ ପତନର ଭବେ
ଚିର ଘୋର ସଂଘର୍ଷଣ
ଆଜି ଯେ ଉଠୁଛି କାଲି ସେ ପଡୁଛି
ମାନି ଅଦୃଷ୍ଟ ଲିଖନ । (ସୁରଙ୍ଗୀ କାବ୍ୟ)

୧୮୫ । ଭାଗ୍ୟ ଏ ଜଗତେ ଶ୍ରେଷ୍ଠ, ଭାଗ୍ୟ ଏକା ମୂଳ
କାହାର ସେ ଅନୁକୂଳ କା'ର ପ୍ରତିକୂଳ (ଚିନ୍ତାମଣି)

୧୮୬ । ସବୁ ମିଥ୍ୟା ଭବେ, ସକଳ ଅଳୀକ
ଏ ଅଟେ ନିଗଢ ସତ୍ୟ;
ଭଙ୍ଗା ଗଢ଼ା ଖାଲି ନିତି ଅଛି ଲାଗି;
ଆଜି ଯେ ଉଠୁଛି ପଡୁଅଛି କାଲି,

profssmishra@gmail.com

ଚକ୍ର ସମ ଭାଗ୍ୟ ତଳ ଉପରକୁ
ବୁଲିବାଟି ଏକା ତଥ୍ୟ ।
(ଗୋଦାବରୀଶ ମିଶ୍ର)

୧୮୭ । ଆୟୁଷ, କର୍ତ୍ତବ୍ୟ, ବିଦ୍ୟା ଧନଲାଭ
ନିର୍ଦ୍ଧନତା ଯାହା ଜାଣ
ଜନନୀ ଗରଭେ ଥିବାବେଳେ ବିହି
କପାଳେ ଲେଖେ ଏ ମାନ । (ବିଶ୍ୱନାଥ କର)

୧୮୮ । ଭାଗ୍ୟବାନ ସଦା ଭାଗ୍ୟଫଳ ଲଭେ
ଅଭାଗା ଲଭେ ଅଶିବ
ସାଗର ମନ୍ଥନେ କେଶବ କମଳା
ଗରଳ ଲଭିଲେ ଶିବ । (ଗଙ୍ଗାଧର)

୧୮୯ । କର୍ମଫଳ ଘେନି ଜନ୍ମ ଲଭୁଛନ୍ତି
ଜୀବଗଣ ବସୁଧାରେ
ଫଳଭୁଞ୍ଜି ସାରି ଯାଉଛନ୍ତି ପୁଣି
କୃତକର୍ମ ଅନୁସାରେ । (ଗଙ୍ଗାଧର)

୧୯୦ । ସୁଖେ ଯାହା ଯୋଗେ ସୁଖ ବଢ଼େ ଦୁଃଖ
ଦୁଃଖ ବଢ଼େ ତାହା ପାଇଁ
ଗରଳୁଁ ଅମୃତ ହଳାହଳୁ ସୁଧା
ମିଳେ ଭାଗ୍ୟ ଅନୁଯାୟୀ । (ନନ୍ଦକିଶୋର)

୧୯୧ । ଦୁଃଖ-ସୁଖ ମିଶା ମିଶି ଏ ବିଶ୍ୱ ସଂସାରେ
କିଏ କେଉଁଠାରେ ବେଶି ଭାଗ୍ୟ ଅନୁସାରେ ।
(ନନ୍ଦକିଶୋର)

୧୯୨ । ସପ୍ତ ବିତସ୍ତିର କୀଟ ହୋଇ ଭାଇ
ବୃଥା କର କିମ୍ପା ଭାଗ୍ୟର ବଡ଼ାଇ ? (ରାଧାନାଥ)

୧୯୩ । ଭବରଙ୍ଗେ ଦିନେ ଯେଉଁ ମହାରାଜ
ଆହା ଦୀନ ହୀନ ଭିଖାରୀ ସେ ଆଜ । (ଗୋପବନ୍ଧୁ)

୧୯୪ । ଚକ୍ରନେମି କ୍ରମେ ଭାଗ୍ୟ ଭ୍ରମେ ଏ ଜଗତେ
କେବେ ତଳେ, ଉପରେ ବା କେବେ ଏହିମତେ ।

profssmishra@gmail.com

୧୯୫ । ଧନବନ୍ତ ଜନେ ଅଙ୍ଗରେ ଶୀତବସ୍ତ୍ର ବହିଲେ
ଦରିଦ୍ର ଭାଗ୍ୟକୁ ଆଦରି ଶୀତ କଷ୍ଟ ସହିଲେ । (ମଧୁସୂଦନ)

୧୯୬ । ମୋହାନ୍ଧ ମାନବ ବର୍ଗମାନେ ବିମୋହିତ
ନ ଜାଣେ କି ଭବିଷ୍ୟତ- ପଟରେ ଲିଖିତ ।
ମାନବର ଭାଗ୍ୟଲିପି ନଥିଲେ ପ୍ରଚ୍ଛନ୍ନ
ଶୋଚନୀୟ କଷ୍ଟବହ ହୁଅନ୍ତା ଜୀବନ ।

× × ×

ଅବଶ୍ୟ ସଫଳ ହେବ ବିଧାତା ଲେଖନ
ମାନବର ସାଧ୍ୟ କାହିଁ କରିବ ମେଣ୍ଟନ ?
ଶୂନ୍ୟକୁମ୍ଭ ଜଳମଗ୍ନ କଲେ ବିକ୍ରମରେ
ଶିଥିଲେ ଉଠେ ସେ ଭାସି ଦ୍ୱିଗୁଣ ବଳରେ । (ଫକୀରମୋହନ)

୧୯୭ । ଯାଗ ସୃଷ୍ଟି ସାର ମୁହିଁ ପ୍ରଚ୍ଛନ୍ନ ଦେବତା
ପରମ ଦେବତା ମୁହିଁ ମୋ ଭାଗ୍ୟନିୟନ୍ତା । (ଫକୀରମୋହନ)

୧୯୮ । ଚିରଦିନ କା'ର ନଯାଏ ସମାନ
ନିୟତିର ଚକ୍ର ନିତ୍ୟ ଭ୍ରାମ୍ୟମାଣ । (ଫକୀରମୋହନ)

୧୯୯ । ଧନବନ୍ତ ଲୋକ ଯେବେ ଗର୍ବିତ ନୁହଇ
ତାହାକୁ ଟି ଭାଗ୍ୟବନ୍ତ ସଂସାରେ ଯେ କହି । (ପୀତାମ୍ବର ଦାସ)

୨୦୦ । ଭାଗ୍ୟଥିଲା ଲୋକ ସିନା ପରକୁ ଦିଅଇ
ଅଭାଗ୍ୟବନ୍ତ ଲୋକ ଯେ ମାଗିବାକୁ ଯାଇ । (ବଳରାମ ଦାସ)

୨୦୧ । ବ୍ୟାସ ବୋଇଲେ ହେ ବିହି ଯାହା ଲେଖିଥାଏ
ତାହା ଭୋଗ କରନ୍ତି ମନୁଷ୍ୟ ସଭିଏଁ ।
ବିଦ୍ୟା ବୁଦ୍ଧି ପ୍ରଭାବ ହୁଏ ନାହିଁ ଭଇ
ସବୁଠାରୁ ମୂଳ ଏକା ଅଟେ କପାଳ । (ମହାଭାରତ : ଶାନ୍ତିପର୍ବ)

profssmishra@gmail.com

କର୍ତ୍ତବ୍ୟ

୨୦୨ । ଦୁଃଖ ସୁଖ ମଧ୍ୟରେ କର୍ତ୍ତବ୍ୟ କର୍ମ
ସାଧିବା ମାନବର ଶାଶ୍ୱତ ଧର୍ମ (ନନ୍ଦକିଶୋର)

୨୦୩ । କର୍ତ୍ତବ୍ୟ ପାଳି ଯେ ସୁଖ ଲଭେ କର୍ମବୀର
ସେ ସୁଖ ଲଭଟେ ଲେଖାନାହିଁ କଳଙ୍କୀର । (ନନ୍ଦକିଶୋର)

୨୦୪ । ଜାଣେ ଏ ଜୀବନ ନୁହେଁ ଜଳର ବୁଦ୍‌ବୁଦ
ନିତି ନବ କର୍ତ୍ତବ୍ୟରେ ହେବି ମୁଁ ଉଦ୍‌ବୁଦ୍ଧ । (ଫକୀରମୋହନ)

୨୦୫ । କର୍ତ୍ତବ୍ୟ ସାଧନ ସେ ତ ପ୍ରକୃତ ଜୀବନ
ଆଳସ୍ୟ ସମୟକ୍ଷେପ ଆତ୍ମାର ଦହନ । (ଫକୀରମୋହନ)

୨୦୬ । କରିବ କର୍ତ୍ତବ୍ୟ କାର୍ଯ୍ୟ ସାଧନ କେବଳ
ବିଚଳିତ ହେବ ନାହିଁ ନ ହେଲେ ସଫଳ ।
ସାଫଲ୍ୟ ବିଷୟେ କିଛି ନ କରି ବିଚାର
ମଣିବ କେବଳ କର୍ମେ ତୁମ୍ଭ ଅଧିକାର । (ଫକୀରମୋହନ)

୨୦୭ । ପଠାଇଛ ମୋତେ ହେ ପ୍ରଭୁ ଜଗତେ
ଏକଥା ଥାଉ ମୋ ମନରେ
ତୁମ୍ଭର ଆଦେଶ ପାଳିବି ବିଶେଷ
ତୁମ୍ଭ ଦତ୍ତ ବୁଦ୍ଧିବଳରେ
ପ୍ରଭୁ ହେ !
ଏତିକି ମୋହର ପ୍ରାର୍ଥନା
ଘଟୁ ବା ଅନିଷ୍ଟ ପାଏ ନାନା କଷ୍ଟ
କର୍ତ୍ତବ୍ୟୁଁ ନ ହେବି ବିମନା । (ଅବସର ବାସରେ)

୨୦୮ । ଆସିଛ ଜଗତେ କିପାଁ ନ ଯାଅ ପାସୋରି
ତୁମ୍ଭର କର୍ତ୍ତବ୍ୟ ଯାହା କଲକି ସେଧରି ?
ପଶୁର ସମାନ ସତ୍ୟ ଆହାର ବିହାରେ
ମାନବ ସ୍ୱତନ୍ତ୍ର ପ୍ରାଣୀ ଆତ୍ମ ବ୍ୟବହାରେ । (ଫକୀରମୋହନ)

profssmishra@gmail.com

୨୦୯ । ଶୁଣ ଶୁଣ ବାପା ମୋ ନିବେଦନ
ସାଧିବ କର୍ତ୍ତବ୍ୟ ଦେଇ ଜୀବନ ।
ପଛଘୁଞ୍ଚା ଦେଲେ କାର୍ଯ୍ୟ ସାଧନେ
କିମ୍ବା ପ୍ରୟୋଜନ ସେହି ଜୀବନେ । (ଫକୀରମୋହନ)

୨୧୦ । ଯାଇଛନ୍ତି ଯାଉଛନ୍ତି ଯିବେ ଭବିଷ୍ୟତେ
ମାନବ ଜୀବନ ଭସି ଭସି କାଳସ୍ରୋତେ ।
ନାହିଁ ତ ନିଶ୍ଚିତ କାଲି ଯିବି ଭସି ଭସି
ତଥାପି କର୍ତ୍ତବ୍ୟ କାର୍ଯ୍ୟେ ନିୟତ ଉଦାସୀ । (ଫକୀରମୋହନ

୨୧୧ । କର୍ତ୍ତବ୍ୟ କରମେ ନୋହିବ ବିମୁଖ
କ୍ରମେ କ୍ରମେ ତହୁଁ ଉପୁଜିବ ସୁଖ ।
ନ ପାଇଲେ ଫଳ ନୋହିବ ନିରଶ
ବିପଦେ ଉଚିତ ଦ୍ୱିଗୁଣ ସାହସ । (କୁନ୍ତଳାକୁମାରୀ)

୨୧୨ । ଚନ୍ଦ୍ର !
ଅନ୍ତରେ ତାହାର ଶୁଣେ ମଧୁସ୍ୱର
କର୍ତ୍ତବ୍ୟ କାରଣେ ଡାକେ ନିରନ୍ତର
'କର୍ତ୍ତବ୍ୟରେ ସୁଖ' କହେ ନିତି ମୋତେ
କର୍ତ୍ତବ୍ୟ, କର୍ତ୍ତବ୍ୟ ବୁଝିବି କେମନ୍ତେ ?
ତୁ ବୁଝୁ କର୍ତ୍ତବ୍ୟ ତୋର
ସ୍ୱ ସମୟେ ଉଦି ଅମ୍ବରେ ଜଣାଉ
କର୍ତ୍ତବ୍ୟରେ ସୁଖ ମୋର । (କୁନ୍ତଳାକୁମାରୀ)

ବିଶ୍ୱାସ

୨୧୩ । ଅବିଶ୍ୱସ୍ତ ଲୋକେ ବିଶ୍ୱାସ ନ କରିବ
ବିଶ୍ୱସ୍ତଠି ଅତି ବିଶ୍ୱାସ ନ କରିବ ।
ବିଶ୍ୱାସୀକୁ ଅତି ବିଶ୍ୱାସ ଯେବେ କରି
କାଳର ଭୟ ପ୍ରାୟେ, ଥିବ ତାକୁ ଡରି । (ମହାଭାରତ : ଶାନ୍ତିପର୍ବ)

profssmishra@gmail.com

୨୧୪ । ବହୁଗୁଣଯୁକ୍ତ ହେଲେହେଁ କେହି ଜନ,
ପୂର୍ଣ୍ଣ ବିଶ୍ୱାସ ତାକୁ ନ କରିବ ଜାଣ ।
(ମହାଭାରତ : ଶାନ୍ତିପର୍ବ)

୨୧୫ । ବିଶ୍ୱାସ ଘାତକୀ ଯେ ନର
ତା ପାଦେ ନମସ୍କାର ମୋର । (ଭାଗବତ)

୨୧୬ । ସର୍ପାଗ୍ନି ଯେ ସ୍ତିରୀ ଦୁର୍ଜନ
ବିଶ୍ୱାସ ନ ଯିବ ଏ ଜନ । (ଭାଗବତ)

୨୧୭ । ଚନ୍ଦ୍ର ହରିଥିଲେ ଗୁରୁପତ୍ନୀ ହେଲେ
ଇନ୍ଦ୍ର ତଥା ବିପ୍ରଦାରୀ
ତେଣୁ ଏ ସଂସାରେ ଅତୀବ ବିଶ୍ୱସ୍ତ
ନୁହଇଁ କେହି କାହାରି ।
(ନୀତି ନିର୍ଝରିଣୀ)

୨୧୮ । ମିତ୍ରଦ୍ରୋହୀ ତଥା କୃତଘ୍ନ ନର
ବିଶ୍ୱାସ ଘାତକ ଯେହୁ ଆବର ।
ଥିବାଯାଏ ଚନ୍ଦ୍ର ସୂର୍ଯ୍ୟ ପ୍ରକାଶ
ଏ ତିନି ନରକେ କରନ୍ତି ବାସ । (ରତ୍ନରେଣୁ)

୨୧୯ । ଉଗ୍ର ତପସ୍ୟାରେ ଲୀନ ବ୍ୟକ୍ତି ସୁଦ୍ଧା
ନୁହଇ ବିଶ୍ୱସ୍ତ ଭବେ
ବିଶ୍ୱାମିତ୍ର ଯଥା ମେନକାକୁ ଦେଖି
ଆଲିଙ୍ଗନ କଲେ ଭବେ । (ନୀତି ନିର୍ଝରିଣୀ)

୨୨୦ । ଗାଲୁଆ, ଶଠୁଆ, ଚୁଗୁଲି କୁହା
ନିଶାଖୋର, ଚୋର, ଓଲିଆମୁହାଁ
ଘରବୁଡ଼ା, ଅଲକ୍ଷୁଣ
ଏମାନଙ୍କୁ ଦୂରୁଁ ଜୁହାର କରିବୁ
ଅଣବିଶ୍ୱାସୀ ଏ ଲୋକ । (ଲକ୍ଷ୍ମୀକାନ୍ତ)

୨୨୧ । କେବେହେଁ ତରଙ୍ଗିଣୀ ନରପତି ଶୃଙ୍ଗିଣୀ
ଖଳକୁ ନଯାଇ ବିଶ୍ୱାସ
କି ସୁଖ ପାଇବାକୁ କାଳସର୍ପ ମୁଖକୁ
ଯିବାକୁ କରିବ ସାହସ ? (ଦୀନକୃଷ୍ଣ)

profssmishra@gmail.com

ବନ୍ଧୁ

୨୨୨ । ସାଧୁଜନ ବନ୍ଧୁପଣ କ୍ଷୀରନୀର ସରି ଗୋ
କ୍ଷୀରରେ ମିଶିଲା ନୀର ପରି ଗୋ ।
ନୀର ଯେବେ ମିଶେ କ୍ଷୀରେ ଆପଣାରେ ହଜାଏ
କ୍ଷୀର ନିଜଗୁଣେ ନୀରେ ମଜାଏ ।
ଅନଳେ ତପତ ବନ୍ଧୁ ଦୁଃଖ ଦେଖି ନୀର, ସେ
ଅନଳରେ ଝାସ ଦିଏ ବିରସେ ।
କ୍ଷୀର କି ସମ୍ଭାଳି ପାରେ ଦେଖି ବନ୍ଧୁ ଦୁଃଖ ଗୋ
ବନ୍ଧୁର ମିଳନେ ଉନମୁଖ ଗୋ
ସ୍ଥିର ହୁଏ ପୁଣି ଯେବେ ନୀରେ ହୁଏ ଭରି ଗୋ ।
ସାଧୁର ବନ୍ଧୁତା ଏହିପରି ଗୋ ।
(ନୀତିଶତକ : ଭର୍ତ୍ତୃହରି, ଅନୁବାଦ-ଜାନକୀବଲ୍ଲଭ ପଟ୍ଟନାୟକ)

୨୨୩ । ଆଗେ ବଡ଼, ସତ ଖଳ ମିତ୍ରଭବ
ପଛେ ସେ ମିତ୍ରତା କରେ କ୍ଷୟଲଭ
ଯେହ୍ନେ ଦିବା ପୂର୍ବଭଗେ
ଛାୟା ସେ ବୃହତ ମାତ୍ର କ୍ରମାଗତ
କ୍ଷୁଦ୍ର କ୍ଷୁଦ୍ରାକାର ଲଭେ ।
ଜଗତେ ଏ ସିନା ଖଳଜନ ପ୍ରୀତି
ମାତ୍ର ବିପରୀତ ସାଧୁ ବନ୍ଧୁ ରୀତି
ଦିବା ଶେଷଭଗେ ଯଥା
କ୍ଷୁଦ୍ର ପରିସର ଛାୟାର ଆକାର
କ୍ରମେ ଲଭେ ବିଶାଳତା । (ନୀତିଶତକ)

୨୨୪ । ଅଛନ୍ତି ଯେବେ ଜ୍ଞାତି ଦଳ
ଅନଳ ଦାହନ ତ ଭଲ
ପ୍ରକୃତ ବନ୍ଧୁ ଥିଲେ କେହି
ଦିବ୍ୟ ଔଷଧେ କେଉଁ ଫଳ । (ନୀତିଶତକ)

୨୨୫ । ପାପୁଁ କରେ ନିବାରଣ
ହିତକର୍ମେ ଲଗାଏ ସର୍ବଥା

profssmishra@gmail.com

ରଟେ ମିତ୍ର ଗୁଣାବଳୀ
ନ ପ୍ରକାଶେ ମିତ୍ର ଗୋପ୍ୟ କଥା ।
ଆପଦେ ନ ଛାଡ଼େ ମିତ୍ରେ
ଅସମୟ ବେଳେ କରେ ଦାନ
ସୁମିତ୍ର ଲକ୍ଷଣ ଏହା
ଜଗତେ ଏ ସୁବିଦିତ ଘେନ ; (ନୀତିଶତକ)

୨୨୬ । ଅବନ୍ଧୁ ଜୀବନ ଅସୂର୍ଯ୍ୟ ମହୀ
ଦେହ ଧରି କିଏ ପାରିବ ସହି । (ଗୋପବନ୍ଧୁ)

୨୨୭ । ଯେତେ ଦୂରେ ଥିଲେ ବନ୍ଧୁ ଆପଦ ସମୟେ
ଆନୁକୂଲ୍ୟ ପ୍ରଦର୍ଶାଇଥାନ୍ତି ସହୃଦୟେ । (ଗଙ୍ଗାଧର)

୨୨୮ । ବନ୍ଧୁ ନିକଟରେ ମନକଥା ସବୁ
କହିବାକୁ ଲାଗେ ସୁଖ
ବସନ୍ତ ନିକଟେ ତହିଁ ପାଇଁ ସିନା
ପିକ ହୁଏ ବାବଦୂକ । (ଗଙ୍ଗାଧର)

୨୨୯ । ମନ ପ୍ରାଣ ଦାନ ସ୍ଥଳେ ଶିଷ୍ଟାଗ୍ରର
କି ଛାର ଅଟେ ସମ୍ପତ୍ତି
ରତ୍ନ ଦେଇ ପୁଣ ବରାଟକ ଦାନେ
ବଳେ କି କାହାରି ମତି । (ରାଧାନାଥ)

୨୩୦ । କପଟ ବନ୍ଧୁ ଏ ଯେହ୍ନେ ସଂପଦର ସାଥୀ
ବିପଦେ ପାସୋରି ଯେ ଯା ବାଟ କାଟିଯାନ୍ତି । (ନନ୍ଦକିଶୋର)

୨୩୧ । ମିତ୍ର ବୃକ୍ଷ ସିନା ମୈତ୍ରୀ ପୁଷ୍ପମାନେ
ତୋଷିଥାଏ ଜନଚିତ୍ତ
ଅମିତ୍ର କେବେ କି ସମର୍ପି ପାରଇ
ନିଜଗଣ ସନ୍ତତ । (ବ୍ରହ୍ମାନନ୍ଦ ମିଶ୍ର)

୨୩୨ । ଦେଖିଲେ ମିତ୍ର ଦୋଷ ବାରେ
ନ କର ପ୍ରୀତି ତାର ଠାରେ;
କରିଲି ପ୍ରୀତି ତାର ସଙ୍ଗେ
କଷଣ ମିଳେ ନିଜ ଅଙ୍ଗେ । (ବିଶ୍ୱନାଥ କର)

profssmishra@gmail.com

୨୩୩ ପ୍ରତ୍ୟକ୍ଷରେ ପ୍ରିୟବାକ୍ୟ କହି ତୋଷେ ମନ
ପରୋକ୍ଷରେ କରୁଥାଏ ଅନିଷ୍ଟ ସାଧନ ।
ଏ ରୂପ ମିତ୍ରକୁ ତ୍ୟାଗ କରିବା ଉଚିତ,
ମୁଖେ ସୁଧା ହୃଦେ ତାର ଗରଳ ପୂରିତ । (ଚିନ୍ତାମଣି)

୨୩୪ । ସୁନାର ପରୀକ୍ଷା ହୁଏ କଷଟି ପଥରେ
ବନ୍ଧୁର ପରୀକ୍ଷା ହୁଏ ବିପଦ କାଳରେ । (ଚିନ୍ତାମଣି)

୨୩୫ । ମୈତ୍ରୀ ଯା ବୋଲ ସେ ଫମ୍ପା ନାମ ମାତ୍ର
ସେ ମୋହ, ମାନବେ ଭୁଲଏ ଏକା
ଛାଇ ସେହୁ, ଧନ ଯଶେ ଅନୁସରେ,
ଧନ ମାନ ଗଲେ, ନ ଦିଏ ଦେଖା ।
(ଗୋଦାବରୀଶ ମିଶ୍ର)

୨୩୬ । ମଣିଷ ଚିହ୍ନିବା ସହଜ ନୁହେଁ
ବିପଦରେ ବନ୍ଧୁ ପରଖା ହୁଏ
ଅସଲ ଘାଟଟି ସେହି
ସୁଖ ବେଳେ ବନ୍ଧୁ ଅନେକ ମିଳନ୍ତି
ଦୁଃଖରେ ନ ଥାଏ କେହି । (ଲକ୍ଷ୍ମୀକାନ୍ତ)

୨୩୭ । ଉପକାରୀ ମିତ୍ରକୁ ଯେ ପ୍ରତାରଣା କରେ
ତା ସମାନ ଅଧାର୍ମିକ ନାହିଁ ଏ ସଂସାରେ ।
ମିତ୍ରଠାରୁ ଉପକାର ପାଇ ଯେଉଁ ଜନ
ମିତ୍ର କାର୍ଯ୍ୟ ନ କରଇ ସେହିଟି କୃତଘ୍ନ ।
(ବାଲ୍ମୀକି ରାମାୟଣ : ଲଙ୍କାକାଣ୍ଡ)

୨୩୮ । ଯେ ହିତ କରେ ପର ହୋଇ
ତା ଠହୁଁ ବନ୍ଧ୍ ଅନ୍ୟନାହିଁ । (ଭାଗବତ)

୨୩୯ । ବନ୍ଧୁ ଅହିତ ଚିତ୍ତ ଯେବେ
ତାହାକୁ ଲେଖିଁ ଶତ୍ରୁ ଭବେ । (ଭାଗବତ)

profssmishra@gmail.com

୨୪୦ । ବାଳକ ବନ୍ଧୁ ପିତାମାତା
ନୟନ ବନ୍ଧୁ କ୍ଷେମଲତା ।
ସ୍ତିରୀଙ୍କ ବନ୍ଧୁ ସ୍ୱାମୀ ନିଜ
ପ୍ରଜାର ବନ୍ଧୁ ମହାରାଜ ।
ଭିକ୍ଷୁର ବନ୍ଧୁ ଗୃହୀଜନ
ଅବନ୍ଧୁ ବନ୍ଧୁ ଶୁଦ୍ଧ ଜ୍ଞାନ । (ଭାଗବତ)

ପରୋପକାର

୨୪୧ । କାପୁରୁଷ ପରି ମରିବା ଜଗତେ
ନୁହେଁ ନର-ପଉରୁଷ
ପରହିତ ସାଧି ମରେ ଯେ ମହୀରେ
ସେହି ଏକା ସୁପୁରୁଷ । (ଗୋପବନ୍ଧୁ)

୨୪୨ । ଏ ଜଗତେ କାହା ପୁଅ ବା କାହାର
ସମସ୍ତ ମାୟା ଭିଆଣ
ସାର୍ଥକ ଜନମ ତାର ଏକା ସିନା
ପରହିତେ ଯାର ପ୍ରାଣ । (ଗୋପବନ୍ଧୁ)

୨୪୩ । ଲୋକହିତେ ପ୍ରାଣ ପ୍ରଦାନ-ପ୍ରବଣ
ଦଧୀଚି ଶୋଣିତ କରିଛ ଧାରଣ ।
ଦିଅ ସ୍ୱାର୍ଥବଳି, ଦେଖାଅ ସେ ତ୍ୟାଗ
ଭରତ ଜାତୀୟ ମହାଯାଗେ ଲାଗ ।
ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ । (ଗୋପବନ୍ଧୁ)

୨୪୪ । ବିଶ୍ୱର କଲ୍ୟାଣ ଆଶେ
ମରଣ ଯେ କରଇ ବରଣ
ମରି ଏ ମରତ ପଥେ
ସେଇ ଏକା ଲଭଇ ଜୀବନ । (ଗଡ଼ଜାଏକ)

profssmishra@gmail.com

୨୪୫ । ସେହି ସିନା ଧନ୍ୟ ଦିଏ ଯେ ଜୀବନ
ହସି ହସି ପ୍ରାଣୀ ହିତେ ।
ସେ ନୁହେଁ ମାନବ ଦିବ୍ୟ ଦେବ ଭାବ
ନିବସଇ ତାର ଚିତ୍ତେ । (ପଦ୍ମଚରଣ)

୨୪୬ । ଉପକାର କଲେ ଏକର ଆନ ହୁଅଇ ନାଶ
ଦିବାକର ନଭେ ଉଦିତ ହେଲେ, ପଦ୍ମ ବିକାଶ ।
ମାତ୍ର ସଙ୍ଗେ ସଙ୍ଗେ କୁମୁଦ ଆହା ହୁଏ ମୁଦ୍ରିତ
ଏକର ଘଟଇ ବିପତ୍ତି, ଆନ ଭାଗ୍ୟ ଉଦିତ । (ବିଶ୍ୱନାଥ କର)

୨୪୭ । ଲୋକହିତେ ଯେହୁ ଦିଏ ଉତ୍ସର୍ଗିବ ପ୍ରାଣ
ଜଗତ କଲ୍ୟାଣ ତାଙ୍କ ସର୍ବଶ୍ରେଷ୍ଠ ଦାନ । (ଗୋଦାବରୀଶ ମିଶ୍ର)

୨୪୮ । ବିପଦ ପଡ଼ିଲେ ବାଟୋଇ ଭାଇରେ
ସାହା ଯେ ନୋହେ ଆନକୁ
ତାହାର ଜୀବନ ମରଣ ସମାନ
ଧିକ ତାର ଜୀବନକୁ । (ନନ୍ଦକିଶୋର)

୨୪୯ । ନିଜ ସୁଖ ସର୍ବେ ଲୋଡ଼ନ୍ତି ଭବେ
ପରନେତ୍ରେ ଧୂଳି ଦିଅନ୍ତି ଇବେ । (ନନ୍ଦକିଶୋର)

୨୫୦ । ପର ଉପକାର ସାଧନ ମୂଳକ ମହତ ଆଶ୍ରୟ ସାର
ବାତାଶ୍ରିତ ପୋତେ କେତେ ଜନ ଦ୍ରବ୍ୟ ସାଗର କରଇ ପାର
ଜଗତ ହୁଅଇ ମହତ କର୍ମର ଶୁଭମୟ ଫଳଭାଗୀ
ମହତ କୌଶଳେ ଦାସୀ କାର୍ଯ୍ୟ କରେ ବିଦ୍ୟୁତ ଜଗତ ଲାଗି । (ଗଙ୍ଗାଧର)

୨୫୧ । ପର ଉପକାର ଯଶ ଥୋଇଲେ
ଦେଖ ମହାଦେବ ବିଷ ଖାଇଲେ । (ଉପେନ୍ଦ୍ରଭଞ୍ଜ)

୨୫୨ । ମନ ବଚନେ ଧ୍ୟାନ କରି । ଯେ ପରେ ହୁଏ ଉପକାରୀ ।।
ଦିନ ହରନ୍ତି ଦୁଃଖ ସୁଖେ । ସେ ଧନ୍ୟ ଇହ ପରଲୋକେ ।। (ଭାଗବତ)

୨୫୩ । ତା ଜନ୍ମ ଧନ୍ୟ ଏ ସଂସାରେ
ଯେ ରହେ ପର ଉପକାରେ । (ଭାଗବତ)

profssmishra@gmail.com

୨୫୪ । ଧନ୍ୟ ଜୀବନ ଏ ଜଗତେ
ଯେ ପ୍ରାଣଧରେ ପ୍ରାଣୀ ହିତେ । (ଭାଗବତ)

୨୫୫ । ପରଦୁଃଖେ ଦୁଃଖୀ ହୋଇ ଦୁଃଖୀଜନ ପ୍ରତି
ଦୟାକରି ହେବି ମୁହିଁ ସୁଖୀଙ୍କ ସୁମତି । (ମଧୁସୂଦନ)

୨୫୬ । ପର ଦୁଃଖରେ ହୁଅ ଦୁଃଖୀ, ପରସୁଖରେ ହୁଅ ସୁଖୀ ।
ଧନ୍ୟ ସେ ଧନ୍ୟ ନରନାରୀ, ଜଗତ ଜନ ହିତକାରୀ ।
ସ୍ୱସୁଖ କରି ବିସର୍ଜନ, ପରାର୍ଥେ ଧରଇ ଜୀବନ ।
ଆଚରି କ୍ଷମା ପ୍ରେମ ବ୍ରତ, ପାଳଇ ଧର୍ମ ଅବିରତ । (ମଧୁସୂଦନ)

୨୫୭ । ପର ଉପକାର ଯେ କରେ
ଧନ୍ୟ ତାର ଜୀବନ
ମରତେ ଦେବତା ସିନା ସେ
ପୂଜ୍ୟ ତାର ଚରଣ । (ମଧୁସୂଦନ)

୨୫୮ । ପର ଉପକାର ପାଇଁ ଯାହାର ଜୀବନ
ଜଗତ ମଧ୍ୟରେ ସେହି ଲୋକ ଧନ୍ୟ ଧନ୍ୟ ।
ଅସ୍ଥିର ଜଗତ ମଧ୍ୟେ ସବୁଛି ଅସାର
ସାର ମାତ୍ର କରିବାର ପରଉପକାର । (ଫକୀରମୋହନ)

୨୫୯ । ପର ଉପକାର ବ୍ରତେ ଧରିବା ଜୀବନ
ମାନବ ଗତିର ଅଟେ ବିଶେଷ ଲକ୍ଷଣ ।
ଯିଶୁ ଦେଲେ ପ୍ରାଣ ଲୋକମାନଙ୍କ ସକାଶେ
ଗୌତମ ପାରିଲେ ନାହିଁ ରହି ଗୃହବାସେ । (ଫକୀରମୋହନ)

୨୬୦ । ସେହି ଏକା ବଡ଼ ପରଦୁଃଖ ଦେଖି
ଚିତ୍ତ ଯାର ଯାଏ ଦ୍ରବି,
ପରଲାଗି ଯେହୁ ଦିଏ ଆତ୍ମବଳି
ପର ପାଇଁ ଅନୁଭବି । (ଲକ୍ଷ୍ମୀକାନ୍ତ)

୨୬୧ । ପରଦୁଃଖରେ ହୋଇବୁ ଦୁଃଖୀ
ପରସୁଖରେ ହୋଇବୁ ସୁଖୀ
ପର ଉପକାରେ ଥାଇ
ପରହିତ ପାଇଁ ସ୍ୱାର୍ଥକୁ ଛାଡ଼ିଲେ
ବହୁତ ଆନନ୍ଦ ପାଇ । (ଲକ୍ଷ୍ମୀକାନ୍ତ)

profssmishra@gmail.com

୨୬୨ । ମହତ ସେ ଜନ ସ୍ୱାର୍ଥ ତେଜି ପରହିତରେ ରତ
ନ ଛାଡ଼ି ସ୍ୱାର୍ଥରେ ଲଗ ପରାର୍ଥରେ ମଧ୍ୟମ ମତ ।
ସ୍ୱାର୍ଥେ ପରହିତ ନାଶେ କେହୁ ନରପିଶାଚ ପଣେ
ନ ଜାଣେ ସେ କିଏ ଅକାରଣ ପର ଅହିତ ଗଣେ । (ନୀତିଶତକ)

୨୬୩ । ଶୁଣନାହିଁ କର୍ଣ୍ଣେ ଯେବେ ଶାସ୍ତ୍ରବାଣୀ ମହତ
କନକ କୁଣ୍ଡଳ ବହି କି ?
କରନାହିଁ ଯେବେ କରେ ଦାନ ପରହିତରେ
କି ହେବ କଙ୍କଣ ଦୁଇ ରହି କି ?
ପର ଉପକାର ସିନା ଶରୀରର ଭୂଷଣ
ଦୟାପରାୟଣ ସାଧୁଜନର
ଚନ୍ଦନ ଲେପିଲେ ଯେତେ କି ହେବ ଏ ଶରୀରେ
ନାହିଁ ଯେବେ ପରହିତ ମନର ।
(ନୀତିଶତକ)

ସୌନ୍ଦର୍ଯ୍ୟ

୨୬୪ । ସୌନ୍ଦର୍ଯ୍ୟର ତୃଷା ପ୍ରଣୟ ପିପାସା
ତୃପ୍ତ ହୋଇଅଛି କାହିଁ ?
ସଫଳ କାମନା ସଂତୃପ୍ତ ବାସନା
ଜଗତେ ମିଳଇ ନାହିଁ । (ଫକୀର ମୋହନ)

୨୬୫ । କଳଙ୍କ ହିଁ ଥାଇ କଳାକାର କୋଳେ
କରଇ ନେତ୍ର ରଞ୍ଜନ
ସ୍ୱଭାବ ସୁନ୍ଦର ଅଙ୍ଗକୁ ଜଗତେ
ନ ହୁଏ କିସ ମଣ୍ଡନ ? (ଗଙ୍ଗାଧର)

୨୬୬ । ଶିଶୁ ହିଁ ଚନ୍ଦ୍ରମା ଗ୍ରହିଁ ଲଭଇ ଆମୋଦ
ଦିବ୍ୟ ରୂପେ ନ ହୁଏ କାହାର ବିନୋଦ । (ଗଙ୍ଗାଧର)

profssmishra@gmail.com

୨୬୭ । ଚିତ୍ର ପ୍ରତିମା ପାୟେ ଦଣ୍ଡ ସୁନ୍ଦର
ଚିରି ଭିତରେ ଦେଖ କି ନାରଖାର । (ଭକ୍ତଚରଣ)

୨୬୮ । ଦୃଷ୍ଟପୂର୍ବ ହୋଇ ଅଦୃଷ୍ଟ ପ୍ରତୀତି
ସୁନ୍ଦର ପଣର ଚିରନ୍ତନ ରୀତି
ସୁନ୍ଦରେ ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେ ହେଁ ନୂଆ ଦିଶୁଥାଇ । (ରାଧାନାଥ)

୨୬୯ । କିଛୁ ରୂପ ଥିଲେ ପ୍ରଚ୍ଛନ୍ନେ
କେବେ ରସିକ ଛାଡ଼େ
ମଧୁ ଥିଲେ ପୁଷ୍ପେ ଯତନେ
ଖୋଜି ମଧୁପ କାଢ଼େ । (ରାଧାନାଥ)

୨୭୦ । ରୂପ ଆକର୍ଷଣ ପ୍ରବଳ ନରେ କିମ୍ବା ଅମରେ
ଭୈମୀ ସ୍ୱୟମ୍ବରେ ପ୍ରମାଣ ହୋଇଅଛି ସତ୍ୟରେ । (ରାଧାନାଥ)

୨୭୧ । ଯେ ଅଟେ ଜଗତ ଜନର ମନ-ନୟନ-କାର
ଅପ୍ରକଟ ହୋଇ ରହିବା ପାଇଁ କାହିଁ ତା ଘର ?
(ରାଧାନାଥ)

୨୭୨ । ଚିରସୁନ୍ଦରଙ୍କ ସୁନ୍ଦର ସୃଷ୍ଟିରେ
ଅସୁନ୍ଦର କାହୁଁ ପଡ଼ିବ ଦୃଷ୍ଟିରେ
କହନ୍ତି ଯାହାକୁ ଜନେ ଅସୁନ୍ଦର
ସୁନ୍ଦରର ସିନା ତାହା ରୂପାନ୍ତର । (ଘୁମୁସର କାବ୍ୟ)

୨୭୩ । ପ୍ରିୟ ଜନ ପାଶେ ରୂପ ଗୌରବ
ଶୁଭ ଭାଗ୍ୟର ସୁଫଳ ସିନା
ମନଲାଖି ଯେବେ ନୋହିଲା ପ୍ରିୟର
ତୁଚ୍ଛନିକି ଏ-ରୂପ-ବଡ଼ିମା । (ଗୋପାଳ କାନୁନଗୋ)

୨୭୪ । କି ହୋଇବ ବାହାରଟା ହେଲେ ଅସୁନ୍ଦର
ଭିତର ସୁନ୍ଦର ଯା'ର ସେ ସିନା ସୁନ୍ଦର । (ଚିନ୍ତାମଣି)

profssmishra@gmail.com

ଶିଶୁ

୨୭୫ । ସ୍ରଷ୍ଟା ଆପଣା ସୁର ଫୁଟାଇଛି
ସୃଷ୍ଟିର ଯେତେ ଗଗେ
ମଉଳି ପଡ଼ିଛି ସେ ସକଳ ସୁର
ଦଗେଟି ଗଗିଣୀ ଆଗେ (ବିଦ୍ୟୁତ୍‌ପ୍ରଭା)

୨୭୬ । ଯେ ଦଗେଟି ବାଣୀ ମଧୁର ଗ୍ରହାଣୀ
ଯା' ଘରେ ନାହିଁ
କି ହେବ କହ ତ ହଜାରେ କୁବେର
ବିଭୂତି ଥାଇ । (ବିଦ୍ୟୁତ୍‌ପ୍ରଭା)

୨୭୭ । ଆହା କି ସୁନ୍ଦର ଶିଶୁ ଭାବନା ବିହୀନ ;
ସୁଧାରସ ସିକ୍ତ ତବ ଏ ନବ ଜୀବନ
ପ୍ରାତଃ ସମ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ
ଏ ନବ ଜୀବନେ ନାହିଁ ସଂସାର ଜଞ୍ଜାଳ ।

× ×

ନୈରାଶ୍ୟ ବିଷମ ବିଷେ ନୋହିଛୁ ଜର୍ଜର
ଆଶାଶୂନ୍ୟ, କି ଜାଣୁ ତୁ ଭାର ନୈରାଶ୍ୟର ?
ନାହିଁ ଲୋଭ, ନାହିଁ କ୍ରୋଧ, ନାହିଁ ଅହଙ୍କାର
ଉଚ୍ଚପଦ ଅଭିଳାଷ ନାହିଁ ତୋ' ଦୁର୍ବାର । (କୁନ୍ତଳାକୁମାରୀ)

୨୭୮ । ବାସନା ବିହୀନ ଶିଶୁ ସନ୍ତୋଷ ଅନ୍ତର
ପ୍ରେମମୟ ନମ୍ର ଚିତ୍ତ ନିର୍ମଳ ମଧୁର
ଉଚ୍ଚ ନୀଚ ଭେଦ ଜ୍ଞାନ ନାହିଁ ତୋହଠାରେ
ସ୍ୱାର୍ଥକୀଟ ପଶି ନାହିଁ ଚିତ୍ତ ସୁକୁମାରେ ।

× ×

ସରଳ ସ୍ୱଭାବ ହେତୁ ଚିରସୁଖୀ ତୁହି
ସଂସାରେ ତୋ' ସୁଖ ତୁଳା କାହୁଁ ହେବି ମୁହିଁ ?
ତୋ ପରି ସ୍ୱଭାବ ଯଦି ମିଳନ୍ତା ରେ ମୋତେ
ସମ୍ଭବି ଥାଆନ୍ତା ସ୍ୱର୍ଗ ଭୁବନ ମରତେ । (କୁନ୍ତଳାକୁମାରୀ)

profssmishra@gmail.com

୨୭୯ । 'ଶିଶୁ' ବୋଲି ଦୁଇଅକ୍ଷର
ଅଟେ ସଂସାରେ ସାର
ପିତାମାତାଙ୍କର ଗଳାରେ
ସେହି କୁସୁମ ହାର ।
ଶିଶୁଟି ଆହା କି ସୁନ୍ଦର
ମଣି ରଙ୍କ-ରତନ
ଅଞ୍ଚଳରେ ବାନ୍ଧି ରଖିବ
କରି ଅତି ଯତନ ।

× ×

ପାଟ, ମଠା, ସୁନା ଗହଣା ଆଦି କି ଅବା ଛାର
ଶିଶୁଟିଏ ନାହିଁ ଯା କୋଳେ ତାର ଘର ଅନ୍ଧାର ।
ସମର୍ପି ଦେଇଛନ୍ତି ଠାକୁରେ ଯାହା ହାତେ ସେ ଧନ
ପାପ ହେବ, ତାକୁ ସେ ଯେବେ ନ କରଇ ଯତନ ।

× ×

ଆପେ ହୋଇଥିଲ ତୁମେ ଗୋ ଦିନେ ଶେଯ ପିଲାଟି
ହାତ ଗୋଡ଼ ଚଳୁ ନ ଥିଲା ଫିଟୁ ନ ଥିଲା ପାଟି ।
ସେ କାଳେ ତୁମ୍ଭର ଜନନୀ ସ୍ନେହେ ଥିବାରୁ ପାଳି
ଆଜ ସିନା ଜୀଇଁ ରହିଛ, ସୁଖେ ବୁଲୁଛ ଖେଳି ।
ସେ କଥାକୁ ମନେ ହେଜି ଗୋ ଶିଶୁ ପାଳନ କର
ପାଳିବାର ବିଧିବିଧାନମାନ ହୃଦରେ ଧର । (ଲକ୍ଷ୍ମୀକାନ୍ତ)

୨୮୦ । ମାନବ ଶିଶୁର କ୍ଷୁଦ୍ର କୋମଳ ଅଧରେ
ଉସିଉଠେ ଯେଉଁ ହସଟିକି
ଭାଷାର ଅତୀତ ତାର ରସାଳ ଲାବଣ୍ୟ
ଏ ଜଗତେ ତୁଳନା ଅଛି କି ?
(ଲକ୍ଷ୍ମୀକାନ୍ତ)

୨୮୧ । ଶିଶୁ ବଢ଼ି କ୍ରମେ ହୁଏ ଯୁବା ବୃଦ୍ଧ
ଚତୁର ପ୍ରବୀଣ ନର,
ପ୍ରଭାତ ଅରୁଣେ ଲୁଚି ରହିଥାଏ
ମଧ୍ୟାହ୍ନ ତେଜ ପ୍ରଖର । (ଗୋପବନ୍ଧୁ)

profssmishra@gmail.com

୨୮୨ । ପୁଂସନାମ ପ୍ରେମ ଯୋଷାନାମ ପ୍ରୀତି
ସୁଖ ତାଙ୍କ ସୁତ ନାମ
ନିର୍ମଳ ପବିତ୍ର ସ୍ଥାନ ବିଲୋକିଲେ
ଯାଇଥାନ୍ତି ମର୍ତ୍ତ୍ୟଧାମ ।

× × ×

ଯା' କୋଳେ ବାଳକ ରହିଛି ହରଷେ
ମୈତ୍ରୀ ନାମ ଅଟେ ତାର
ଏହାଙ୍କ ଉଦ୍ୟାନ ଫଳେ ପରିପୁଷ୍ଟ
ସତତ ସୁର ସଂସାର । (ଗଙ୍ଗାଧର)

୨୮୩ । ବିଧି ଯେ ଖଞ୍ଜିଛି ମର୍ତ୍ତ୍ୟେ ବିବାହ ସୁମନ,
ସନ୍ତାନ ତା ପୁଣ୍ୟଫଳ ଲଭଇ ଭୁବନ ।
ତା ଯୋଗେ ସମ୍ଭବେ ଭବେ ଯୁଗ ପରମ୍ପରା
ନ ପାରେ ପରଶି ବିଶ୍ୱେ କ୍ରୂର ମୃତ୍ୟୁ ଜରା ।
ଶିଶୁରୁ ମାନବ ଗଢ଼ି ପାଳେ ସ୍ନେହେ ପ୍ରାଣୀ,
ନ ବୁଝି ପାରଇ ମୂର୍ଖ ବୁଝୁଥିବେ ଜ୍ଞାନୀ ।
(ଗୋଦାବରୀଶ ମିଶ୍ର)

୨୮୪ । ସକଳ ସମ୍ପଦୁଁ ବଡ଼ ସମ୍ପଦ ସେ
ପୁନିଅଁ ଜହ୍ନରୁ ଗୋରା,
ଦରିଦ୍ର ପସରା, ଅନ୍ଧଲଉଡ଼ି ଲୋ
ବୁଢ଼ନ୍ତା ଲୋକର ଭେଳା ।

ଯହିଁ ଯାହା ମୁହଁ ସଂସାର ଯନ୍ତ୍ରଣା
ଦଣ୍ଡକେ ଯାଏ ପାଶୋର
ସେହୁ ନାହିଁ ଘର ଶୋହା କରିବ ଲୋ
ଉଆଁସ ଦିଶେ ଅନ୍ଧାର ।
(ଗୋଦାବରୀଶ ମିଶ୍ର)

୨୮୫ । ସଂସାର ସୁଲଭ ଦେଖିଲେ ଜନନି
ପୁତ୍ର ଅଟେ ବଡ଼ ଧନ
ଯେଉଁ ନାରୀ କୋଳେ ପୁତ୍ର ନାହିଁ ମାତଃ
ବିଅର୍ଥ ତାର ଜୀବନ ।

profssmishra@gmail.com

୨୮୬ । ଆହା କେଡେ ସୁମଧୁର ବାଲ୍ୟ ସମୟ
ସେକାଳେ ହୃଦୟ ଥାଏ କୋମଳ ନିର୍ମଳ ।
ସଂସାର-ଝଞ୍ଜାଳ ଶୂନ୍ୟ ପୂତ ନିର୍ବିକାର
"ବସୁଧୈବ କୁଟୁମ୍ବକଂ" ସେକାଳର ଦୀକ୍ଷା ।
ଲାଗେନାହିଁ ସେକାଳରେ ଭବ-ଉଷ୍ଣ-ବାତ୍ୟା
ଦେହେ ଦଂଶେ ନାହିଁ ହୃଦେ ଶତ ଫଣା ଟେକି
ଦୁଶ୍ଚିନ୍ତା-ଭୁଜଙ୍ଗୀ, ତୀବ୍ର ଗରଳ ଭୀଷଣ । (ଚିନ୍ତାମଣି)

୨୮୭ । ସର୍ବ ସମ୍ପତ୍ତିରୁ ସାର ଅଟେ ଏକା
ଜଗତେ ପୁତ୍ର ସମ୍ପତ୍ତି
ଦେହ ରକ୍ଷା ପାଇଁ ଆନ ଧନ ପୁତ୍ର
ଧନେ ନକୁଁ ଅବ୍ୟାହତି ! (ଚିନ୍ତାମଣି)

୨୮୮ । ନବୀନ ଶିଶୁରେ ଜନନୀ ଗରଭୁଁ
ଜନମିଲୁ ଯେଉଁ କ୍ଷଣେ
କଳରୋଳ କରି କାନ୍ଦିଲୁ ତୁହି
ହର୍ଷେ ହସିଲେ ଜନେ ।
ଏପରି ଜୀବନ କାଟିବୁ, ଯେପରି
ଅନ୍ତିମ ଶୟନରେ
ହସି ହସି ତୁହି ଶୋଇବୁ, ତୋ ଲାଗି
କାନ୍ଦିବେ ନାରୀ ନରେ । (ଗଡ଼ନାୟକ)

ଯୌବନ

୨୮୯ । ଦେଖୁଛ ସରବେ ପଲାଶ ଫୁଲଟି
ତାର କି ରକତ ଶିରୀ
ସଉରଭ ବିନା ତୋର ତନୁ ସିନା
ଯଉବନ ସେହିପରି ।

profssmishra@gmail.com

ଯଉବନ ଦେଖି ନ ଭୁଲ ତୋ ଆଖି
ଦୁନିଆର ଦୁଇଦିନିଆ ଖେଳ
ମୁକୁତା ନୁହେଁ ଏ ଶିଶିର ବିନ୍ଦୁ
ଜଡ଼ ଅନ୍ଧାର ଏ ପୂର୍ଣ୍ଣିମା ଇନ୍ଦୁ
କାଞ୍ଚନ ନୁହଇ ଭେଳ
ଏ ତ ମହାକାଳ ଫଳ
ଦୁଇଦିନ ପାଇଁ କିମ୍ବା ଉଷତ
ବନ୍ଧୁ ନୁହେଁ ଏ ତ ବଇରୀ ସତ,
ମଣି ଦେଖି ଯଦି ଵରିବୁ ଫଣୀକୁ
ସାର ହେବ ହଳାହଳ । (କୁନ୍ତଳାକୁମାରୀ)

୨୯୦ । ନର ପ୍ରାଣେ ଯୌବନ ତୁ ନୋହୁ ଚିରସ୍ଥାୟୀ
ଦେଇଯାଏ ଦୁଃଖ ଆସି ଦୁଇଦିନ ପାଇଁ । (ଚିନ୍ତାମଣି)

୨୯୧ । ଏହିପରି ସିନା ରୂପ ଯଉବନ
ଅଟଇ ଅଚିରସ୍ଥାୟୀ
ଆଜି ତୋର ଗୋର ଶୋଭର ପସର
ରହୁଁ ରହୁଁ କାଲି ନାହିଁ । (ମଧୁସୂଦନ)

୨୯୨ । ସିନ୍ଧୁ ସମାନ ଯଉବନକାଳେ
ତରୀ ଯୁବକ ଭସଇ ଅତଳେ । (ନୀଳକଣ୍ଠ)

୨୯୩ । ମନ୍ଦମଧୁର ଲଳିତ ଲାସ୍ୟେ ଯୌବନ ହେ
କାନ୍ତ କୋମଳ କୈଶୋର କର ଛନ୍ନଛନ୍ନ ହେ
କି ମହାମନ୍ତ୍ର ସଂଗୋପନେ
ଉଲ୍ଲସି ଖେଳେ ମର ଜୀବନେ
କି ମହାଢ଼କ୍କା ବଜାଅ ବସି ହେ ଜୀବନ ପଥେ
ନିତ୍ୟ ପୁଲକେ ମୁଗ୍ଧ ଚିତ୍ତେ ।
(ଗୋଦାବରୀଶ ମହାପାତ୍ର)

୨୯୪ । ନୂଆ ଯଉବନେ ଯହିଁ ଝରେ ମଦ ଜଳ
ସେ ଜଳେ ଶ୍ୟାମଳ ଯେଉଁ ଗଣ୍ଡ-ଗଣ୍ଡସ୍ଥଳ
ତେସନ ଗଜରେ ଦୃଢ଼େ ବାନ୍ଧିବାର ପାଇଁ
ବୃଥା ସିନା ମୃଣାଳର ସୂତ୍ରକୁ ଗୁନ୍ଥାଇ । (ନୀତିଶତକ)

profssmishra@gmail.com

୨୯୫ । ଯୌବନ ଧନସମ୍ପତ୍ତି, ପ୍ରଭୁପଣ ପୁଣ
ଅବିବେକିତା ଏ ଗ୍ରରି ଅଟେ ମନ୍ଦଗୁଣ
ଏଥିମଧ୍ୟରୁ ଏକ ହିଁ ଅନର୍ଥର ମୂଳ
କି କହିବା ଯହିଁ ଏହି ଗରିଗୁଣ ଠୁଳ । (ରତ୍ନରେଣୁ)

୨୯୬ । ଯୌବନରେ ନରନାରୀ ପରିଣାମ ନ ବିଗ୍ଭରି
ଯେହେତୁ ଦେଖାଇ ହୁଅନ୍ତି ସୌନ୍ଦର୍ଯ୍ୟ ସମ୍ପଦ
ବିଷମ ଉନ୍ମାଦ ସିନା ଯୌବନର ମଦ । (ନନ୍ଦକିଶୋର)

୨୯୭ । ନବୀନ ଯୌବନେ ମଧୁର ପ୍ରଣୟ
ଦେଇ ଦାନ ପରସ୍ପରେ
ବେନି ନରନାରୀ ଦେହ ମନ ପ୍ରାଣ
ଗୁନ୍ଥିବେ ପ୍ରେମ ସୂତ୍ରରେ । (ନନ୍ଦକିଶୋର)

୨୯୮ । ଅସାର ଯୌବନ ବିଳାସ ପାଇଁ ମା
କରୁ କିଆଁ ଏତେ ଶୋକ
ହୃଦ ପଦ୍ମ ସ୍ଥିର କରି ଦେଖ ମାତଃ
ଅଦ୍ଭୁତ ଏ ବିଶ୍ୱଲୋକ । (ନନ୍ଦକିଶୋର)

୨୯୯ । ଆହା, ଯଉବନ ଥରେ ଗଲେ ଆଉ ଆସେନା
ବୃଥା ବିଧୁର ପରାଣ ପୁରେ ଝୁରେ ବାସନା । (ଅନ୍ନଦାଶଙ୍କର)

୩୦୦ । ମଣି ରମଣୀମଣିକି ଶାଣ ଯଉବନ
ବହୁମୂଲ୍ୟ ପ୍ରଭକୁ ବଢ଼ାଇ ଦିନୁଦିନ ।
ଉପମା ଆଣିବ କାହୁଁ ମହାକବି ହେଲେ
ସୁନ୍ଦରେ ଯାହା ଅଙ୍ଗରେ ସୁନ୍ଦର ହୋଇଲେ
(ଉପେନ୍ଦ୍ରଭଞ୍ଜ)

୩୦୧ । ବରଷକେ ଥରେ ଦିନେ ଆସେ ଓଷା
ଯଉବନ ଆସେ ଜୀବନେ ଥରେ
ପୀରତିର ରସ ପରଶିଯାଏ ସେ
ଜୀବନ-ପାତ୍ରେ ମଉନେ ଖରେ ।
ଯଉବନ-ଭେଳେ ତାକରୁ ଯାହାର
ଆସିନାହିଁ ତାର ବିଫଳ ସବୁ
ଅଫୁଟା ତାହାର ହରଷ ବେଦନା
ନିଜ ଛାଏଁ ନିଜ ସମାଧି ଲଭୁ । (ସଚ୍ଚି ରାଉତରାୟ)

profssmishra@gmail.com

ପ୍ରେମ ଓ ପ୍ରୀତି

୩୦୨ । ପ୍ରେମେ ବୃକ୍ଷଲତା ପୁଷ୍ପ ପ୍ରକାଶେ
ପ୍ରେମେ ଧାବିତ ଭ୍ରମର ତା ପାଶେ ।
ପ୍ରେମେ ପାଳନ୍ତି ଶିଶୁକୁ ଜନନୀ
ପ୍ରେମଡୋରେ ବନ୍ଧ ଭାଇଭଗିନୀ ।
ସତୀ ପତି-ପ୍ରେମେ ଥାଏ ବିହ୍ୱଳା
ପ୍ରେମେ ଖେଳେ ମେଘକୋଳେ ଚପଳା ।
ସିନ୍ଧୁ ପୂର୍ଣ୍ଣେନ୍ଦୁ ପ୍ରେମର ଆଧାର
ପ୍ରେମେ ବ୍ୟାପିଛି ଏ ବିଶ୍ୱସଂସାର । (ଫକୀରମୋହନ)

୩୦୩ । ପ୍ରେମ ବୋଲ ପ୍ରୀତିବୋଲ ଦୁଇଦିନ ପାଇଁ
ମୃତ୍ୟୁ ଅନ୍ତେ ଛିନ୍ନଭିନ୍ନ ଆଉ ଭେଟ କାହିଁ ।
(ଫକୀରମୋହନ)

୩୦୪ । ଜୀବନେ ମରଣେ ସାଥୀ ପରସ୍ପର
ଏ ସିନା ବିଶୁଦ୍ଧ ପ୍ରେମ,
ସରିକି ସଙ୍ଗରେ ତୁଳା ଲଭିବାକୁ
ରାଜକୋଷ ମଣି ହେମ ? (ଫକୀରମୋହନ)

୩୦୫ । କାମର ପ୍ରେମ ତ କୁହୁକ ବନ୍ଧନ
ବାଞ୍ଛ ନିତ୍ୟ ସତ୍ୟ ପ୍ରେମ ସନାତନ ।

୩୦୬ । ପ୍ରେମ ବିନା ସତ୍ୟ-ପ୍ରତିଷ୍ଠା କାହିଁରେ
ସ୍ୱରଗ ରାଜ୍ୟ କି ସମ୍ଭବେ ମହୀରେ ?
ପ୍ରେମ ବିନା କେଉଁ ଆକର୍ଷଣ ବଳେ
ଆଣିବ ହେ ଟାଣି ଭକତ ବତ୍ସଳେ ?
ପ୍ରେମ ବଳ ବିନା କେ ଜଣେ ସଂସାର
ପ୍ରେମ ବିନା ଧର୍ମ ନିଷ୍ଫଳ ଅସାର । (କୁନ୍ତଳା କୁମାରୀ)

୩୦୭ । ମହାବଳୀ ପ୍ରେମ ଅଟଇ ମହୀର
ପ୍ରେମ ସିନା କରେ ଅବଳାକୁ ବୀର ।
ପ୍ରେମ ଦିଏ ସିନା ଉଦ୍‌ଯୋଗ ସାହସ,
ପ୍ରେମ କରିପାରେ ଅବଶକୁ ବଶ (ରାଧାନାଥ)

profssmishra@gmail.com

୩୦୮ । ଦାରୁଭେଦକ୍ଷମ ଭ୍ରମର ପଶି କମଳ କୋଳେ
ପାଶୋରେ ଆପଣା ବିକ୍ରମ ପ୍ରେମ-ମୋହନ-ଭୋଳେ ।
(ରାଧାନାଥ)

୩୦୯ । ମଧୁର ଯେମନ୍ତ ସେହିପରି ଗୁପ୍ତ
ପ୍ରୀତିଟି ବଡ ପ୍ରମାଦ
ନରଭାଗ୍ୟେ ଏଡେ ଭୋଗକୁ ନ ସହି
ଭିଆଏ ଦୈବ ବିବାଦ । (ରାଧାନାଥ)

୩୧୦ । ଭେଟ ସମ୍ଭାଷଣ ବାରିଲେ ବାରଣ
ମାନେ କି ପ୍ରେମିକ ମନ
ସୂକ୍ଷ୍ମକୁ ସ୍ଥୂଳରେ ପଥ ଓଗାଳିଲେ
ସ୍ଥୂଳ କି ତହିଁ ଭଜନ । (ରାଧାନାଥ)

୩୧୧ । କି ମଧୁର ପ୍ରେମରଣ ସେ, ଯେ ରଣେ
ଅନୁରାଗେ ପୁଂସ ନାରୀ,
ଏକକୁ ଆରେକ ଜିଣିବାକୁ ଯାଇ
କୃତାର୍ଥ ହୁଅନ୍ତି ହାରି ।
(ରାଧାନାଥ)

୩୧୨ । ପ୍ରେମ ଭବେ ଯାର ଅନ୍ତର ପୂରିତ
ସର୍ବ ପ୍ରାଣ-ହୃଦ ତା ହୃଦେ ଅଙ୍କିତ ।
ସହ ଅନୁଭୂତି ସର୍ବ ଭୂତେ ତାର,
ତା ଦୃଷ୍ଟିରେ ବିଶ୍ୱ ଏକ ପରିବାର । (ଗୋପବନ୍ଧୁ)

୩୧୩ । ପ୍ରଣୟର ସ୍ଥାନ ନୁହେଁ ଏ ସଂସାରେ ଏକା
ପ୍ରେମ ପ୍ରଣୟୀ ସଙ୍ଗତେ ହେବ ସ୍ୱର୍ଗେ ଦେଖା ।
ଏହି ଦିବ୍ୟ ସାନ୍ତ୍ୱନାରେ ଆଶ୍ୱାସିଣ ମନେ
କ୍ଷଣେ ଏଥି ରହି ଚଲ ଅମର ଭୁବନେ । (ଗୋପବନ୍ଧୁ)

୩୧୪ । କାହିଁ ତପନ କେତେ ଦୂରେ ଅମ୍ବରେ
କାହିଁ ନଳିନୀ ତଳେ ଫୁଟଇ ସରେ ।
ଉଇଁବା ମାତ୍ରେ ରବି କର ବଢ଼ାଇ
ନଳିନୀ ଅଙ୍ଗେ ଦିଏ ଅଙ୍ଗ ଲଗାଇ । (ଗୋପବନ୍ଧୁ)

profssmishra@gmail.com

୩୧୫ । ନଶ୍ୱର ଭବେ କି ଏହି ଜୀବନର ଗତି
କ୍ଷଣ ଭଙ୍ଗୁର କି ନର ପ୍ରଣୟ ପୀରତି ?
କଣ୍ଟକସଙ୍କୁଳ ପଥେ କୁସୁମ ବିତାନ
ମରୁଭୂମେ ପ୍ରେମ ସ୍ନିଗ୍ଧ ସଲିଳ ସମାନ ।
ମରପିଣ୍ଡେ ପ୍ରେମ ଏକ ଅମର ସଞ୍ଚାର
ପାର୍ଥିବ ଜଗତେ ପ୍ରେମ ସ୍ୱର୍ଗ ସୁଧାଧାର ।
ପ୍ରେମର ଏ ପ୍ରଶସ୍ତି କି କବିର କଳ୍ପନା
ପ୍ରେମ କି କେବଳ ନୀଚ ସ୍ୱାର୍ଥର ଛଳନା ?
କୈଶୋରେ ଉପୁଜେ ପ୍ରେମ ମିଳି ପ୍ରାଣେ ପ୍ରାଣ
ଉତ୍ତର ବୟସେ ତାର ଏହି ପରିଣାମ ?
ଯୌବନ ସରସ ଭବ, ହୃଦୟ ପ୍ରସାର
ପ୍ରବୀଣ ଦୃଷ୍ଟିରେ ଘୋର ମସ୍ତିଷ୍କ ବିକାର ।
ଜୀବନର ପଦେ ପଦେ କାହିଁ ତେବେ ମେଳ
ନହେଁ ପର ଏ ଜୀବନ ବୃଥା ଶିଶୁଖେଳ । (ଗୋପବନ୍ଧୁ)

୩୧୬ । ଜୀବନ କି ଖାଲି ନିରଶାର ବାଲି
ମରୁ ମରୀଚିକା ସେନେହ ପ୍ରୀତି
ତେବେ କି ଆଶାରେ କହ ଏ ସଂସାରେ
ପର ଲାଗି ନର ମରୁଚି ନୀତି । (ଗୋପବନ୍ଧୁ)

୩୧୭ । ପ୍ରେମ ପର ସହେ ସହି ସୁଖ ପାଏ
ପ୍ରେମ ନ ଜାଣଇ କେବେ ଶୋଚନା
ପ୍ରିୟଜନେ ନୁହେଁ ପ୍ରେମିକ ବିମୁଖ
ହେଲେ ହେଉ ପଛେ ଗୁରୁ ଗଞ୍ଜଣା ।

× ×

ଶତ ଆବର୍ଜ୍ଜନା ସହସ୍ର ତାଡ଼ନା
କିବା ଶତ ସ୍ନିଗ୍ଧ ସୁମନ ହାର
ଏ ପ୍ରେମ କଲ୍ଲୋଳେ ସମାନ ସକଳେ
ପରମ ସାଦର ସ୍ନେହ ସମ୍ଭାର । (ଗୋପବନ୍ଧୁ)

୩୧୮ । କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର
ଯାର ପ୍ରାପତି ଯୋଗୁ ଦେବତା ନର । (ମଧୁସୂଦନ)

profssmishra@gmail.com

୩୧୯ । ପ୍ରୀତି ନ ମାନଇ ଜାତି ସଜନି ଲୋ
ପ୍ରୀତି ନ ଲୋଡ଼ଇ ପଦ,
ଦେଶକାଳ ପାତ୍ର ବିଚାର ନ ରହେ
ପିଇଦେଲେ ପ୍ରୀତି ମଦ । (ନନ୍ଦକିଶୋର)

୩୨୦ । ପ୍ରଣୟିନୀ ରୀତି କାହେ ନ ଦେଖିଲେ
ଦେଖିଲେ ନ କହେ କଥା,
କୋଟିନିଧି ଯାକୁ ମଣୁଥାଏ ପ୍ରାଣେ
ତା'ପାଖେ ନ ଟେକେ ମଥା । (ନନ୍ଦକିଶୋର)

୩୨୧ । ନଶ୍ୱର ଯୌବନ ପୁଣି ନଶ୍ୱର ଜୀବନ
ନିଷ୍କପଟ ପ୍ରୀତି କିନ୍ତୁ ଅଟେ ଚିରନ୍ତନ । (ନନ୍ଦକିଶୋର)

୩୨୨ । ସଂସାରର ପ୍ରେମ ଆବିଳ ଭଇ
ନିର୍ମଳ ପ୍ରେମ ଏ ସଂସାରେ ନାହିଁ । (ନନ୍ଦକିଶୋର)

୩୨୩ । ପ୍ରୀତି ଦିବ୍ୟ ପକ୍ଷୀ କାମନା ଜଗାଲେ
ନ ପାରଇ ତାହା ରହି
ସ୍ୱାର୍ଥ ହାତ ଦେଲେ ପ୍ରୀତି ଲଜ୍ଜାବତୀ
ଲତା ଝାଉଁଳି ପଡ଼ଇ । (ନନ୍ଦକିଶୋର)

୩୨୪ । ଚାଲିଗଲେ ତୁ ପ୍ରଣୟ ! ଯାଏ ସର୍ବମାୟା,
ରହିଥାଏ ମାତ୍ର ଆହା ତୋର ସ୍ମୃତି ଛାୟା । (ନନ୍ଦକିଶୋର)

୩୨୫ । ଯେତେ ଅଚିର ପଛେ ହେଉ ପ୍ରଣୟ
ସଂସାର କରେ ତାହା ମାଧୁରୀମୟ । (ନନ୍ଦକିଶୋର)

୩୨୬ । ପ୍ରେମିକ ନୟନ ସାର ଦରପଣ
ଅନ୍ତର ପରୀକ୍ଷା ପାଇଁ,
ନାହିଁ ଯେବେ ପ୍ରେମ ହୃଦ ଅଭ୍ୟନ୍ତରେ
ଛାୟା ବା ପଡ଼ିବ କାହିଁ ।
ପ୍ରେମିକ ନୟନ ସ୍ୱଚ୍ଛ ସରୋବର
ପ୍ରେମ ଆକାଶର ଇନ୍ଦୁ
ପ୍ରେମ ଅଟେ ପୂର୍ଣ୍ଣଶାରଦ ଚନ୍ଦ୍ରମା
ନେତ୍ର ଉଚ୍ଛ୍ୱସିତ ସିନ୍ଧୁ । (ନନ୍ଦକିଶୋର)

profssmishra@gmail.com

୩୨୭ । ଏ ଅନ୍ଧ ଭୁବନେ ହୃଦ ଦରଶନେ
ପ୍ରୀତି ସିନା ସୁଅଞ୍ଜନ
ଆନ ଦେଖି ଯାହା ନ ପାରଇ ତାହା
ପ୍ରଣୟୀ କରେ ଦର୍ଶନ । (ନନ୍ଦକିଶୋର)

୩୨୮ । ପ୍ରେମିକ ଯେ ଜନ ପ୍ରେମ ସେହି ଦେଖେ
ଆନ ଅନ୍ଧ ଚକ୍ଷୁ ଥାଇ
ବିଶ୍ୱାସେ ପ୍ରଳୟ ଉଜ୍ଜ୍ୱଳ ସଂଶୟେ
ନୟନେ ଦିଶଇ ନାହିଁ । (ନନ୍ଦକିଶୋର)

୩୨୯ । ବୃଥା ପ୍ରେମେ ଅଳି ଭୁଲୁ କାହିଁକି
ସର୍ବେ ସ୍ୱାର୍ଥପର ଜାଣୁ ନାହିଁ କି । (ନନ୍ଦକିଶୋର)

୩୩୦ । ସହଜେ ତ ପ୍ରେମ ଅତି ମଧୁର
ପ୍ରେମ ସ୍ମୃତି ଆହା ତହୁଁ ମଧୁର । (ନନ୍ଦକିଶୋର)

୩୩୧ । ରୂପର ତୃଷ୍ଣା ସିନା ହୁଏ ଯୁବାକାଳେ
ଯୁବାକାଳ ଗଲେ ରୂପ ନ ଫେରଇ ଡାକିଲେ
ଗ୍ରାମ ଶେଷ ମୁଣ୍ଡ ଘର ଅଟଇ ଗ୍ରେରଙ୍କୁ
ବୃଦ୍ଧାକାଳ ବିଭପରା ଅଟଇ ପରଙ୍କୁ ।
ନବୀନ ବୟସ ସିନା ପୀରତି ସମୟ
ଘର ନ ଧରିଣ ମନ ହୁଏଟି ଅଥୟ । (ନନ୍ଦକିଶୋର)

୩୩୨ । ଭୋଗେ ବଢେ କାମ, ତ୍ୟାଗେ ବଢେ ପ୍ରେମ
ମିଳନେ ପ୍ରଗାଢ କାମ
ବିଚ୍ଛେଦେ ବଢଇ ନିର୍ମଳ ପୀରତି
ଆଶ୍ରିଣ ପ୍ରଣୟୀ-ନାମ ।
ସ୍ୱାର୍ଥତ୍ୟାଗେ ବଢେ ବିମଳ ପ୍ରଣୟ
ସମ୍ଭୋଗେ କରେ ସେ ଭୟ
ସ୍ୱାର୍ଥହସ୍ତ ଦେଲେ ପୀରତି ତନୁରେ
ପ୍ରୀତି ପାଇଯାଏ ଲୟ । (ନନ୍ଦକିଶୋର)

୩୩୩ । ମତି ଭିନ୍ନ ହେଲେ ପୀରତି କାହୁଁ
ଜନମିବଟି ଅନ୍ତରେ
ଜନ୍ମିଲେ ବା ପ୍ରୀତି କାହୁଁ ବା ମିଳିବ
ସୁଖ ତହିଁ ନିରନ୍ତରେ । (ବିଶ୍ୱନାଥ କର)

profssmishra@gmail.com

୩୩୪ । ମର୍ମରେ ଭେଦଇ ନୁହଇ କାତି
ମଦଗ ନୋହି ଯା ହରଇ ଜାତି । (କବିସୂର୍ଯ୍ୟ)

୩୩୫ । ପ୍ରେମ ନୁହେଁ ଭୁଲିବାର,
ପ୍ରେମ ନୁହେଁ ହଜିବାର
ନୟନେ, ନୟନେ ମିଳେ କାଞ୍ଚନ ମଣି । (କୃଷ୍ଣମୋହନ)

୩୩୬ । ଭଲ ପାଇବାର ଚରମ ଯେଉଁଠ
ଟିକକେ ମରମ ଖାଏ
ମେରୁ ସମ କଳି ନିମିଷକେ ତହିଁ
ରେଣୁସମ ଉଡ଼ିଯାଏ । (ବିଦ୍ୟୁତ୍ପ୍ରଭା)

୩୩୭ । ସ୍ୱର୍ଗ ଯଦି କାହିଁରେ ଥାଏ
ଅଛି ସେ ଦୁଇଆଖେ
ମୃତ୍ୟୁ ଯଦି ମଧୁର ଲଗେ
ଲଗେ ତାହାରି ପାଖେ (କୃଷ୍ଣଚନ୍ଦ୍ର ତ୍ରିପାଠୀ)

୩୩୮ । ନିର୍ମଳ ଗଗନେ ଚନ୍ଦ୍ର ଥିଲେ ସିନା
ଦିଶନ୍ତି କର ଦର୍ପଣେ
ନିର୍ମଳ ପୀରତି କାତ ହୋଇଥିଲେ
ପାଶକୁ ଆସନ୍ତି ଜନେ । (ଗଙ୍ଗାଧର)

୩୩୯ । ଦିବା ଅବସାନେ ଛାୟା ଯେବେ କରେ
ଦୂରକୁ ଦୂରକୁ ଗତି
ପ୍ରେମ ପରବଶେ ମୂଳେ ତାକୁ ଧରି
ରଖିଥାଏ ବନସ୍ପତି । (ଗଙ୍ଗାଧର)

୩୪୦ । କାନ୍ତ ପ୍ରେମ ଯେବେ ସାଗର ନୋ ପ୍ରେମ
ହେବ ତ ସରିତ ସରି
ସାଗର ଅଙ୍କକୁ ସରିତ ଯିବାକୁ
ନ ଥାଏ ତ ଅପସରି । (ଗଙ୍ଗାଧର)

୩୪୧ । ଅଙ୍କ ଦ୍ରବ୍ୟେ ପ୍ରୀତି ହ୍ରାସ ନିତି ନିତି
ଦେଖି ଦେଖି ପୁନଃପୁନଃ
ହେଲେ ଶୂନ୍ୟ ଅଙ୍କ ଶୂନ୍ୟ ଯୋଗେ ଅଙ୍କ
ପରି ହୃଦ ପ୍ରୀତି ଗୁଣ । (ଗଙ୍ଗାଧର)

profssmishra@gmail.com

୩୪୨ । ଅନଳ ନୁହଇ ଦେହ ଦହଇ
ଅସ୍ତ୍ର ନୁହଇ ମରମେ ଭେଦଇ
ନୁହଇ ତ ଜଳ ବୁଡ଼ାଏ କୂଳ
ନୁହଇ ମାଦକ କରେ ବିହ୍ୱଳ
ନୁହଇ ବଡ଼ଶୀ
ବଳେ ମନ ମୀନ ନିଏ ଆକର୍ଷି ।

× ×

ବଡ଼ କଠିନ ସେ ପ୍ରୀତି ପାଳିବା
ତୀକ୍ଷ୍ଣ ଅସିଧାରେ ପଥ ଚାଲିବା
ଶୂନ୍ୟ ଆରୋହଣଠାରୁ କଠିଣ
ପବନ ଫାନ୍ଦେ ଧରିବା ଲକ୍ଷଣ
ପ୍ରୀତି ରକ୍ଷାଠାରେ
ଯଥା ପାରଦ ରଖିବା ମୁଠାରେ ।

× ×

ବାରୁଦେ ଅନଳ ପ୍ରାୟେ ପୀରତି
ସଂଯୋଗେ ବାରଣ କରି ନୁହନ୍ତି
ଦୁହେଁ ନିର୍ବିଶେଷ ହେଲେ ସରଇ
ଉଭୟେ ପ୍ରୀତିଆ ତେମନ୍ତ ହୋଇ
ଜୀବ ଥିବା ଯାକେ
ବାରଣ ପ୍ରୀତି କରି ପାରିବ କେ ? (ଅଭିମନ୍ୟୁ)

୩୪୩ । ବେଦବାଦୀ ବିଧି ଏ ବେଦବାଦୀ
ଆପଣା ସଂସାରେ ବସେ ସମାଧି
ଧର୍ମ କର୍ମ କୂଳ ବିବେକ ନାଶେ
ଅପବାଦ କୃଷି ଜୀବିକା ରଚେ
ସେ ପ୍ରୀତି କତିକି
ଯେ ଗଲା, ସେ ମଲା ପାଇ ଶାସ୍ତିକି । (ଅଭିମନ୍ୟୁ)

୩୪୪ । କହ ପୀରତି କି ଜାତି ପଦାର୍ଥ
କାହୁଁ ଏ ଅଇଲା
କେଉଁ ଦଇବ ଏହା ଭିଆଇଲା ? (ଅଭିମନ୍ୟୁ)

profssmishra@gmail.com

୩୪୫ । ଶୁଦ୍ଧ ପ୍ରୀତି ହେଲେ ଅଳ୍ପ ବହୁତ
ବୀଜ ମଧ୍ୟେ ଯଥା ତତ୍ତ୍ୱ ଗୁପତ
କପଟ ପୀରତି ହେଲେ ବହୁତ
ଶରଦ ଘନାଛନ୍ନ ସ୍ୱନ ମତ
ଫଳ ଫଳିଥାଇ
ଧାନ ଅଗାଡ଼ି ସମ ତ ନୁହଇ । (ଅଭିମନ୍ୟୁ)

୩୪୬ । ମନକୁ ମନ ଯେବେ ନ ମିଶିବ
ଘେନା ଘେନି କି ପ୍ରୀତି ତୋଷଇବ ?
ଏକ ଅଙ୍ଗୀ ପ୍ରତି
ସଂସାରେ କେତେ ପରି ତ ଅଛନ୍ତି । (ଅଭିମନ୍ୟୁ)

୩୪୭ । ଯେଣେ ଗ୍ରହିଲେ ତେଣେ ସେହି ଦିଶେ
ଚକ୍ଷୁ ବୁଜିଲେ ହୃଦରେ ପ୍ରକାଶେ
ନିଦ୍ରା ଅଇଲେ ସ୍ୱପନେ ଦେଖଇ
ଜାଗ୍ରତ ଥିଲେ ଜ୍ଞାନ ହିଁ ନ ଥାଇ
କାୟ ମନୋବାକ୍ୟେ
ତା ବିନା ସାଚ ନ ଗଣେ ତ୍ରିଲୋକେ । (ଅଭିମନ୍ୟୁ)

୩୪୮ । ବିଧୁ ନୋହେ ସଦା ଶୀତଳଦାୟୀ
ଜ୍ୱର ନୋହେ ତାପ କମ୍ପ ବଢ଼ାଇ
ବୈଦ୍ୟ ନୁହଇ ବ୍ୟାଧେ ବିନାଶଇ
ପଣ୍ଡ ନୁହଇ ତ ବାଇ କରଇ
ନୁହଇ ମାଦକ
ବିହ୍ୱଳ କରେ ଜୀବଥିବା ଯାକ । (ଅଭିମନ୍ୟୁ)

୩୪୯ । କାହୁଁ ଜନମ ହୁଅଇ ପୀରତି
କି ଜାତି ବର୍ଣ୍ଣ ଚିହ୍ନ ଗୁଣ ରୀତି
କରିବା କରଇବା ଶକ୍ତି କେତେ
କାହିଁ ରହି ସଞ୍ଚରଇ କେମନ୍ତେ । (ଅଭିମନ୍ୟୁ)

୩୫୦ । ମହତ ପ୍ରୀତି ଦୁଃଖରେ ନ ତୁଟେ
ଇକ୍ଷୁ ମର୍ଷଣରେ ସାଦପ୍ରକଟେ

profssmishra@gmail.com

ଦାହକୁ ପାଇ ସେ ବେଳକୁ ବେଳ
ଅଧିକେ ଅଧିକେ ବୃଦ୍ଧି ଉଜ୍ଜ୍ୱଳ
ଦାହ ତାଡ଼ନାରେ
ସୁବର୍ଣ୍ଣ ବର୍ଣ୍ଣ ବଢ଼େ ଅଧିକରେ ।
କ୍ଷୀର ନୀର ପ୍ରୀତି ଅତି ଅଭେଦ
କ୍ଷୀରଠାରେ ଖ୍ୟାତ ମହତ ପଦ
ତାପ ଯୋଗେ ଜଳ ପଡ଼େ ଉତୁରି
ତା' ସଙ୍ଗୀ ହୁଅଇ ପ୍ରୀତି ଆଦରି
ଜଳପ୍ରାପ୍ତି ବିନେ
ଶାନ୍ତି ନ ଭଜଇ କେବେହେଁ ଆନେ । (ଅଭିମନ୍ୟୁ)

୩୫୧ । ଦୂର ନିକଟ ପୀରତିରେ ନାହିଁ
ମନକୁ ମନ ପାଇଥାଏ ଯହିଁ । (ଅଭିମନ୍ୟୁ)

୩୫୨ । ପ୍ରୀତି କଲେ ହେଁ ପଡ଼େ ପରମାଦ
କୋଟି ଗୁଣେ ବାଧେ ପ୍ରୀତି ବିଚ୍ଛେଦ
ଦୁଃଖ ଦୁଇ ଜାତ
ନାଗ ଚୁଚୁନ୍ଦ୍ରା ଧରିବା ଯେମନ୍ତ ।

୩୫୩ । ପ୍ରଥମେ ପ୍ରୀତି କରିବାର ମନ୍ଦ
ପର ପ୍ରୀତି କୋଟି ଗୁଣେ ପ୍ରମାଦ

ଶୋଭବନ୍ତ ଗୁଣବନ୍ତ ପୀରତି
ସେ ପୁଣି ପ୍ରମାଦେ ପ୍ରମାଦ ଅତି
ପଥିକ ପରଚେ
ଜୀବନ ଯିବା ଅଉଷଧି ସଞ୍ଚେ । (ଅଭିମନ୍ୟୁ)

୩୫୪ । ଯେ ଯାହା ପ୍ରୀତି ସେ ତାହା ଜୀବନ
ଉଚ୍ଚ ନୀଚ ଲୋଭେ ନୁହେଁ ବଞ୍ଚନ
ଦେଖି ଦେଖି ଜଳ ବିନା କି ମୀନ
ସର-ପଣା ପାଇ ବଞ୍ଚିବ ଦିନ । (ଅଭିମନ୍ୟୁ)

୩୫୫ । ହୀରା ସମାନ ହୃଦ ହୋଇଥିବ
ପ୍ରୀତି ଛୁଇଁଲେ କି ଫାଟି ନ ଯିବ ?
ବକ୍ର ହେଲେ ଦେହ
କୃଶାନୁ ପରି କରିଦେବ ଦାହ । (ଅଭିମନ୍ୟୁ)

profssmishra@gmail.com

୩୫୬ । କିଛି ଆୟତ୍ତ ନ ଥାଇ କାହାର
କରେ ସ୍ନେହ ସେ କିଙ୍କରୁ କିଙ୍କର ।
କୀଟ ଦେଖ ସିନା ଫୁଲଲିଟକୁ
କାଟି ପକାଏ ମହତ କାଠକୁ ।
କରେ କୁସୁମଠାରେ କି ଆସନ
କୋମଳରେ କୋମଳ ସନମାନ (ଦୀନକୃଷ୍ଣ)

୩୫୭ । କରି ଓଟାଇ ଯେଉଁ ପୀରତି
କଷ୍ଟ ତହୁଁ ବଡ଼ ନାହିଁ କ୍ଷିତି । (ଦୀନକୃଷ୍ଣ)

୩୫୮ । ଦୂରେ ଥିଲେହେଁ ପାଶେ ଥିଲା ପରି ଥିବୁ ଘେନି
କେତେଦୂରେ ଚନ୍ଦ୍ର କେତେଦୂରେ କୁମୁଦିନୀ
ପ୍ରୀତି ଅଭେଦ ତାଙ୍କର
ଯେତେଦୂରେ ଥିଲେ ଯେ ଯାହାର ସେ ତାହାର ।
ଯେତେଦୂରେ ପତ୍ର ପଡ଼ିଥିଲେ ରେ ନବୀନା
ଚିହ୍ନା କି ନୁହଁଇ ଆନେ ବୃକ୍ଷ-ନାମ ବିନା
ବନ୍ଧୁ ! ତେମନ୍ତେ ମୁଁ ତୋର
ସବୁଠାରେ କୁହାଉଛି ସୁନ୍ଦରୀ କୋୟର (ଉପେନ୍ଦ୍ରଭଞ୍ଜ)

୩୫୯ । ଯୁବାକାଳ ରଜା ସର୍ବ ଉପରେ
ମନ ରଜା ଯୁବାକାଳ ଉପରେ
ମନ ଉପରେ ରଜା ପୀରତି
କେହି ପାରିବ ମନୁଷ୍ୟ ବରତି ।

× × ×

ପ୍ରୀତି ହୋଇ ଯେବେ ଏଡ଼େ ମଧୁର
କ୍ଷୁଧା ତୃଷା ପୁଣି ହୁଏ ବିଧୁର
ପୁଣି ଦଇବେ ହୋଇଲେ ଦମ୍ପତି
ପଦତଳେ ମିଳେ ଇନ୍ଦ୍ର ସମ୍ପତ୍ତି । (ଉପେନ୍ଦ୍ରଭଞ୍ଜ)

୩୬୦ । ଚନ୍ଦ୍ରକୁ ଚକୋର ଜଳଧରକୁ ଚାତକ
ପ୍ରାୟ ତୋତେ କରିଥାଇ ମୁଁ ଆଶା ଅନେକ ।
(ଉପେନ୍ଦ୍ରଭଞ୍ଜ)

profssmishra@gmail.com

୩୬୧ । ଯାହାର ମନ ଯହିଁ ରମିଥାଇ
ତହୁଁ ସମ୍ପତ୍ତି ତାର ବଡ଼ ନାହିଁ
ଧନ ଜନ ପଣ ସବୁ ବିରଙ୍ଗ
ନିତ୍ୟେ ହେଁ ଲୋଡ଼ଇ ତାହାରି ସଙ୍ଗ
ସେ ପ୍ରାଣରୁ ପର
ବିଅର୍ଥ ଜୀବନ ତା ବିନୁ ତାର (ଦେବଦୁର୍ଲଭ ଦାସ)

୩୬୨ । ଦୁଇ ମନକୁ ଦୁହେଁ ଟକାଟକି
ଭଲନ୍ତି ପ୍ରୀତି ତୁଟିଥାଇ ନିକି
ବାଦେ ବଢ଼ାନ୍ତି ଅଖଣ୍ଡ ପୀରତି
ପ୍ରାଣହୁଁ ଅଧିକ କରି ସୁକୃତି
ସେ ସୁକୃତ ଜନ
ପୀରତି ଲାଗି ମୁଣ୍ଡନ୍ତି ପ୍ରାଣ । (ଦେବଦୁର୍ଲଭ ଦାସ)

ମିଳନ ଓ ବିଚ୍ଛେଦ

୩୬୩ । ବିଚ୍ଛେଦ ମିଳନ : ସୋଦର ସମାନ
ଏକ ପାଶେ ଥାଏ ଆନ
ଅଭିନ୍ନ ଅନ୍ତର ବିବାଦ ତାଙ୍କର
ବିଚିତ୍ର ବିଧି-ବିଧାନ । (ନନ୍ଦକିଶୋର)

୩୬୪ । ମିଳନରେ ନାହିଁ ସୁଖ ଦେଖୁ ଦେଖୁ ତୁଟେ ତାହା
ବିରହାନ୍ତେ ମିଳନ ମଧୁର
ସୁଖେ ବୁଡ଼ି ରହିଥିଲେ ଜଳି ନୁହେଁ ସୁଖ ସୀମା
ଭୁଞ୍ଜେ ପ୍ରୀତି ବିରହ-ମଧୁର ।
(ନନ୍ଦକିଶୋର)

୩୬୫ । ନିଖିଳ ଋତୁ ଶୋଭା ପ୍ରିୟ ବିଚ୍ଛେଦେ
ପରିଣତ ହୁଅଇ ବିଷମ ଖେଦେ । (ନନ୍ଦକିଶୋର)

୩୬୬ । ସମାଗମ କାଳ ଅଟେ ସୁଖର ସମୟ
ବିଦାୟ ଲୋତକ ଆହା କି ବିଷାଦମୟ । (ନନ୍ଦକିଶୋର)

profssmishra@gmail.com

୩୬୭ । ବିଚ୍ଛେଦେ ବିକାଶେ ପ୍ରେମ ଅତି ମଧୁମୟ
ଶୀତ ଅନ୍ତେ ଶୋଭେ ସିନା ନବ କିଶଳୟ । (ଗୋପବନ୍ଧୁ)

୩୬୮ । ଦୀର୍ଘ ବିରହ ଅଟେ ସ୍ନେହ ନାଶକ
ଭୋଗ ଅଭାବେ ସେହୁ ସ୍ନେହ ପୋଷକ । (ରାଧାନାଥ)

୩୬୯ । କିଏ ସେ କହଇ
ସେନେହ ସରଇ ବିରହ କାଳେ ?
ଭୋଗଇ ଅଭାବେ
ରସର ବିଭାବେ ଉଛୁଳି ପଡ଼ଇ ପ୍ରେମର ଧାରେ ।
(ଗଡ଼ନାୟକ)

୩୭୦ । ଚାତକ ପରାୟେ ବିରହିଣୀମାନେ
ଥାନ୍ତି ପ୍ରିୟ ପଥ ଚାହିଁ
ଦିନ ଗଣୁଥାନ୍ତି ନବ ତରୁଣୀଏ
ବେଳ ତାଙ୍କ ସରେ ନାହିଁ । (ମଧୁସୂଦନ)

୩୭୧ । କାନ୍ତା ବିନା କାନ୍ତ ପ୍ରାଣ ସ୍ୱଭାବେ ବିକଳ
ବିକଳ ଜୀବନ ମଣେ ଜଗତ ବିଫଳ
ଭାସୁଥାଏ ଜୀବ ଯଦି ସଂସାର ସାଗରେ ।
ତରିବା ଭରସା ଥାଏ ବନିତାନାବରେ । (ଗଙ୍ଗାଧର)

୩୭୨ । ନୟନେ ନୟନ ହେଲେ ଭେଟାଭେଟି
ହେବ ପରାଣ ମିଳନ
ଯେ ଯାହାର ତାକୁ ଲୋଡ଼େ ସେ ସହଜେ
କରିବାକୁ ଆଲିଙ୍ଗନ (ଗୋପବନ୍ଧୁ)

୩୭୩ । ଯେ ଯେତେ ପରତେ ହୋଏ ପ୍ରୀତିକି
ସଂଯୋଗେ ସୁଖ ସେ ଲଭେ ତେତିକି
ବିଯୋଗେ କୋଟି ଗୁଣେ ଦୁଃଖ ଦିଏ ।
ଏ ଦୁଇ ସ୍ୱଭାବ ତାର ଉଦୟେ
ଅନୁଭବୀ ବିନେ
ଦୁଃଖ ସୁଖ କହି ନୋହେ ବଚନେ । (ଅଭିମନ୍ୟୁ)

୩୭୪ । ବିରହ ବ୍ୟାଧିକି ବିହି ନ କଲା ଔଷଧି
ବିବେକୀ ନୁହଇ ସେ ବୋଲଇ କିମ୍ପା ବିଧି । (ଦୀନକୃଷ୍ଣ)

profssmishra@gmail.com

ନାରୀ ଓ ନାରୀଧର୍ମ

୩୭୫ । ପତି ଅଟେ ପତିବ୍ରତା ନାରୀର ଦେବତା
ପତି ଗତି, ପତି ବନ୍ଧୁ, ପତି ଗୁରୁ, ଭ୍ରାତା ।
ନିଜ ପ୍ରାଣଦାନ କରି ପତିବ୍ରତା ସତୀ
ପତି ପ୍ରିୟ ଆଚରଣ କରୁଥିବ ନିତି ।
ମୂର୍ଖର ସ୍ତିରୀ ଯାହାର ପୁଣି ସେ ସ୍ତ୍ରୀ ବଶ
ଜନମ ନିଷ୍ଫଳ ତାର ପାଏ ଅପଯଶ ।
ଅଳସୀ କଳହା ଦୁଷ୍ଟା ହୁଏ ଯାର ନାରୀ
ପଦେ ପଦେ ଦୁଃଖ, ନୁହେଁ ସୁଖେ ଅଧିକାରୀ ।
ବିଟପୀ ନାରୀର ସଙ୍ଗ ନୁହଁଇ ଉଚିତ
ଜୀବ ଥିବାଯାଏ ଦୁଃଖ ମଲେ ନର୍କ ବାସ ।
ଧନ ଥିବାଯାଏ ପୁତ୍ର ଦାର ଖଟୁଥିବେ
ଧନ ସରିଗଲେ କେହି ତାକୁ ନ ପୁଛିବେ ।
(ବାଲ୍ମୀକି ରାମାୟଣ : ଲଙ୍କାକାଣ୍ଡ)

୩୭୬ । ଜୀବ ଜାତ କରିବାକୁ ଜନ୍ମିଛନ୍ତି ସ୍ତିରୀ
ବୁଝିଲେ ତାଙ୍କ ପରି କେ ନାହିଁ ଉପକାରୀ (ସାରଳାଦାସ)

୩୭୭ । ସ୍ତିରୀ ନ ଥିଲେ ପୁଂସକୁ କାହିଁରେ ନ ଗଣି
ସ୍ତିରୀ ଲାଗି ସଂସାରେ ଜନମନ୍ତି ପ୍ରାଣୀ ।

× × ×

ସ୍ତିରୀ ଗୃହଲକ୍ଷ୍ମୀ ପୁଣି କରେ କୁଳୋଦ୍ଧାର
ପିତୃଏ କରନ୍ତି ସ୍ତିରୀ ଲାଗି ପିଣ୍ଡାହାର ।

× × ×

ସ୍ତିରୀ ସର୍ବଧର୍ମ ହେତୁ ସ୍ତିରୀ ପୁଣ୍ୟଦାତା
ସ୍ତିରୀ ଘେନି ନବସୃଷ୍ଟି ସର୍ଜିଲା ବିଧାତା । (ପୀତାମ୍ବର ଦାସ)

୩୭୮ । ଶ୍ରୀହରି ବୋଇଲେ ତୋତେ କହିବା ବିସ୍ତାରି
ଧନ ଥିଲେ ସଭିଏଁ ଘରଣୀ ପଣ କରି ।
ନିର୍ଦ୍ଧନ ପକ୍ଷରେ ଯେ ଯୁବତୀ କରେ ଘର
ଘରଣୀ ବୋଲିଣ ପାର୍ଥ ତାକୁ ଲେଖାକର । (ନାମରତ୍ନ ଗୀତା)

profssmishra@gmail.com

୩୭୯ । ସୁଖୀ ହୋଇଥିବ ନୃପ ଉପଜୀବୀ ନୋହି
ବିଦ୍ୟାଥିବ ଦିବ୍ୟ ସ୍ତିରୀ ମିଳିଥିବ ତହିଁ
କି ହେବ ଇନ୍ଦ୍ର ହୋଇଲେ ସର୍ବ ସମ୍ପଦରେ
ସ୍ତିରୀ-ହୀନଠାରୁ ପାପୀ ନାହିଁ ଏ ସଂସାରେ । (ଉପେନ୍ଦ୍ରଭଞ୍ଜ)

୩୮୦ । ନାରୀରୁ ବଡ଼ ହୋଇ ଜଗତେ ନାହିଁ
ବାନରୀ ରୂପେ ହେଲେ ପବନ ମୋହି ଯେ । (ଉପେନ୍ଦ୍ରଭଞ୍ଜ)

୩୮୧ । ନାଗରୀମାନେ କାହାକୁ କି ନ କଲେ
ରୁଧିରେ ବାନ୍ଧିଲେ ଜୁଡ଼ା
ନାଗ, ନାଗଚ, ନାରୀ ଯେତେ ସୁନ୍ଦର
ତେତିକି ହିଁ ଘରବୁଡ଼ା । (ଉପେନ୍ଦ୍ରଭଞ୍ଜ)

୩୮୨ । ଏ ଛାର ହୀନ ସ୍ତିରୀ ଜାତି
ବିଶ୍ୱାସ ଯାଇ ଯେଉଁ ପତି ।
ତହା ଜୀବନ ଗୋଟି ଧିକ
କେବେହେଁ ନୁହଇ ସେ ନିକ ।
ଜୀବନ ଥିବା ପରିଯନ୍ତେ
ସ୍ତିରୀଙ୍କି ନ ଯିବ ପରତେ । (ଦୀନକୃଷ୍ଣ)

୩୮୩ । ଅସତ୍ୟ, ସାହସ, କାପଟ୍ୟ, ମୂର୍ଖତା
ଅତି ଲୋଭ, ନିର୍ଦ୍ଦୟତା
ଅଶୁଚି ଏ ସପ୍ତ ସ୍ୱଭବଜ ଦୋଷ
ନାରୀର ଅଟେ ସର୍ବଥା ।

୩୮୪ । • ସ୍ୱଭବେ ସ୍ତିରୀ ଜନ୍ମହୋଇ
ଧର୍ମ ଅଧର୍ମ ନ ଜାଣଇ । (ଭାଗବତ)

୩୮୫ । ପୂର୍ବେ ଅର୍ଜିଲୁ କର୍ମ ନେଇ । ଯେ ଯାହା ସ୍ୱାମୀ ଗୋ ମିଳଇ ॥
ସେ ଯେବେ ହୁଏ ଅସୁନ୍ଦର । ଦୁଃଖୀ ଦରିଦ୍ର ବ୍ୟାଧିକର ।
ତାହାଙ୍କୁ ନ କରିବ ଆନ । ସେ ବିଷ୍ଣୁ ଦେବତା ସମାନ ।
(ଭାଗବତ)

୩୮୬ । ସ୍ୱାମୀ କପଟେ ଯେବା ନାରୀ
ସେହିଟି ଅଙ୍କ ବ୍ୟଭିଚାରୀ । (ଭାଗବତ)

profssmishra@gmail.com

୩୮୭ । ପରପୁରୁଷେ ମନ ଦେଇ । ଯେ ନାରୀ ଏକାନ୍ତେ ରମଇ ॥
ତାହାର ନାହିଁ ସୁଖ ଲେଶ । ନରକେ ହୁଏ ପରବେଶ ॥
ନିନ୍ଦିତ ହୁଏ ନରଲୋକେ । ନିରଶ ହୋଇ ସ୍ୱାମୀ ସୁଖେ ॥
(ଭାଗବତ)

୩୮୮ । ସ୍ୱାମୀର ଚରଣ କମଳେ । ସେବିବ ହୃଦୟ ନିଶ୍ଚଳେ ॥
ସ୍ୱାମୀର ବନ୍ଧୁ ଥିବ ଯେତେ । ତାଙ୍କ ପୋଷଣେ ଥିବ ନିତ୍ୟେ ॥
ପତିବ୍ରତାଙ୍କ ଏ ଲକ୍ଷଣ । ନିଗମ ବଚନ ପ୍ରମାଣ ॥
× × ×
ଯେ ନାରୀ ହରି ପ୍ରାୟେ ନିତି । ସେବା କରନ୍ତି ନିଜ ପତି ॥
ସେ ନାରୀ ଲକ୍ଷ୍ମୀପ୍ରାୟେ ହୋଇ । ପତିର ହସ୍ତେ ହସ୍ତ ଦେଇ ॥
ପତି ସଙ୍ଗତେ ବିଷ୍ଣୁ ଲୋକେ । ବସଇ ଆନନ୍ଦେ ଅଶୋକେ ॥
(ଭାଗବତ)

୩୮୯ । ନାରୀ ମଂଗଳରେ ନରର ମଂଗଳ
ନାରୀ ଦୁଃଖେ ଦୁଃଖୀ ନର
ରମଣୀ ପତନେ ପୁରୁଷ ରତନ
ବିଧାନ ବିଧାତାଙ୍କର ।

୩୯୦ । ବ୍ରତ ଉପବାସ ଯଜ୍ଞ ଆଦି କର୍ମେ
ନାରୀର ନାହିଁ ମୁକତି
ମୋକ୍ଷପଦ ତାରେ ମିଳଇ ଅଚିରେ
ପୂଜୁଥିଲେ ସଦା ପତି । (ରତ୍ନରେଣୁ)

୩୯୧ । ପୁତ୍ର, ନାତି, ବନ୍ଧୁ, ଦାସଦାସୀ ଗଣେ
ପୂର୍ଣ୍ଣ ଥିଲେହେଁ ସେ ଘର
ନ ଥିଲେ କେବଳ ଭାର୍ଯ୍ୟା ନିଜ ପାଶେ
ସଦା ଶୂନ୍ୟ ମଣେ ନର । (ରତ୍ନରେଣୁ)

୩୯୨ । ଗାଢ଼ ପ୍ରେମଯୋଗୁ ରଜା ଦଶରଥ
ନାରୀ ବଶ ହୋଇଥିଲେ ଏହା ସତ
ତେଣୁ ପୁତ୍ର ଶୋକେ ହାରିଲେ ପରାଣ
ନାରୀ ପ୍ରତି ଗାଢ଼ ସ୍ନେହ ବିଷ ଜାଣ । (ନୀତି-ନିର୍ଝରିଣୀ)

୩୯୩ । କୁମାରୀ ଅବସ୍ଥାରେ ଜନକ ପାଳେ
ସ୍ୱାମୀ ରକ୍ଷା କରଇ ଯୌବନକାଳେ
ବାର୍ଦ୍ଧକ୍ୟେ ରକ୍ଷା କରେ କୁମର ଯେଣୁ
ସ୍ୱାଧୀନତା ନ ଥାଏ ନାରୀର ତେଣୁ । (ବିଶ୍ୱନାଥ କର)

profssmishra@gmail.com

୩୯୪ । ପୁତ୍ରବତୀ, ପାକକୁଶଳା, ପବିତ୍ରା
ପତିବ୍ରତା ସଦା ଯେଉଁଣ ବନିତା
ପଦ୍ମନେତ୍ରୀ ପୁଣି ଏ ପଞ୍ଚ ରମଣୀ
ଧନ୍ୟ ଧନ୍ୟ ବୋଲି ତାହାଙ୍କୁ ହିଁ ଗଣି । (ବିଶ୍ୱନାଥ କର)

୩୯୫ । ଉଠିଲେ ରମଣୀ ଉଠିବେ ପୁରୁଷେ
ସମାଜର ଚକ୍ର ବେନି
ଉନ୍ନତି ସ୍ୟନ୍ଦନ ଗ୍ଭଲିବ ନାହିଁଟି
ଏକ ନର ଚକ୍ର ଘେନି ।

୩୯୬ । ଘୋର ଆପଦରେ ପଡ଼ିଲେ ହେଁ ସତୀ
ନ ଛାଡ଼ଇ କୁଳଧର୍ମ
ଅକାତରେ ପ୍ରାଣ- ଦେଇ ରକ୍ଷା କରେ
ଜାତି, ଧର୍ମ, କୁଳ, ମାନ । (ନୀତିପ୍ରଦୀପ)

୩୯୭ । ଯେଉଁ ପରିବାରେ ରମଣୀ ସୁଖିନୀ
ଉନ୍ନତି ପୁଷ୍ପକ ରଥେ
ଚଳି ସେହି ବଂଶ ଅନୁଦିନ ହୁଏ
ବର୍ଦ୍ଧିତ ଉନ୍ନତି ପଥେ ।

୩୯୮ । ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ଅଙ୍ଗ ଆଭରଣ
ଧରତଳେ ନୁହେଁ କେବେ ନାରୀର ଭୂଷଣ
ହୃଦୟର ବିକଶିତ ସଦ୍‌ଗୁଣ ନିଚୟ
ଚିର ଅମଳିନ ତାର ହେଉ ଯେ ସଞ୍ଚୟ । (ଗଡ଼ନାୟକ)

୩୯୯ । ପୁରୁଷ କେବଳ ରାଜ୍ୟ ଗ୍ଭଳଇ
ନାରୀ କି କେବଳ ଅବଳା ଅତି
ଦେଶ ସଂଗ୍ରାମ ଚଳାଇ ନାହିଁକି
ଏଇ ଭରତର ଦୁର୍ଗାବତୀ । (ଗଡ଼ନାୟକ)

୪୦୦ । ବାଦଲ ଯେସନେ ଗୌରବେ ଖୋଜେ
ଗୌରୀ ବିଜୁଳି ସାଥି
ଗୌରୀ ବିଜୁଳି ସଗର୍ବେ ଖୋଜଇ
କୃଷ୍ଣ ବାଦଲ ଛାତି
ମୁଗ୍‌ଧ ପୁରୁଷ ଖୋଜଇ ତେସନେ
ନାରୀର ପୀରତି ଧନ
ରମଣୀ ଗ୍ଭହିଁ ସଂସାର ପଥେ
ପୁରୁଷର ବନ୍ଧନ । (ଗଡ଼ନାୟକ)

profssmishra@gmail.com

୪୦୧ । ଦେବତା ନାରୀର ପତି ଗୁଣୀ କି ନିର୍ଗୁଣ,
ଅଭଜନ ହେଲେ ପତି, ଅୟି ପତିବ୍ରତେ,
ହୁଏ କି ତା' ପ୍ରତି ବାମ କେବେ ପତିବ୍ରତା ? (ରାଧାନାଥ)

୪୦୨ । ମାତ୍ର ଶଇଳ ଦେଖ ଉଭା ଅଟଳେ
କାମୀ ଚାଟୁରେ ସତୀ-ମନ କି ଟଳେ ? (ରାଧାନାଥ)

୪୦୩ । ବୀର ପକ୍ଷପାତି ସଦା ନାରୀକୁଳ
ନାରୀ ପ୍ରେମ ସଦା ବୀର୍ଯ୍ୟ ଅନୁକୂଳ । (ରାଧାନାଥ)

୪୦୪ । ତେଜସ୍ୱୀର କରେ କର ଛନ୍ଦିବାକୁ
ପ୍ରୟାସୀ ସଦା ସୁନ୍ଦରୀ
ନୋହିଲେ କି ଫୁଲ- ରାଣୀ କମଳିନୀ
ରବିଙ୍କି ଥାଆନ୍ତା ବରି । (ରାଧାନାଥ)

୪୦୫ । ସ୍ୱାମୀ ଗୁରୁ ସ୍ୱାମୀ ପରମ ବାନ୍ଧବ
ସ୍ୱାମୀ ସେବା ନାରୀଧର୍ମ
ସ୍ୱାମୀ ପଦେ ଭକ୍ତି ଅର୍ଚ୍ଚନାରେ ମତି
ଅର୍ପି ତୁ କରିବୁ କର୍ମ । (ଗଙ୍ଗାଧର)

୪୦୬ । ନାବ ବିନା କେହି ସାଗର ପଶିଲେ
ଲଭଇ ଘୋର ବିପଦ
ସଂସାର ସାଗର ପାଇଁ ମହାପୋତ
ଏକମାତ୍ର ସ୍ୱାମୀପଦ ।

୪୦୭ । ସାମାନ୍ୟ ନୁହେଁ ପତିବ୍ରତା-ମହିମା
ରହି ନ ପାରେ ତହିଁ କାହା ଗାରିମା । । (ଗଙ୍ଗାଧର)

୪୦୮ । ଆଉ ଏକ ସୁନ୍ଦରୀ ଲୋଡଇ
ସଦା ପରାକ୍ରମଶାଳୀ
ପଣକରି ସୀତା ରାମେ, ଅର୍ଜୁନେ
ବାଛିଲେ ଦ୍ରୁପଦବାଳୀ ।
(ଗଙ୍ଗାଧର)

୪୦୯ । ହେଉପଛେ ଯେତେ ମାନିନୀ
ଗୁଣବତୀ ଯୁବତୀ
ନବନବ ବେଶ ଭୂଷଣେ
ସଦା ବଳାଏ ମତି । (ଗୋପବନ୍ଧୁ)

profssmishra@gmail.com

୪୧୦ । ସୁଦୃଢ଼ ଗମ୍ଭୀର ନୁହଇ ଯେଣୁ ନାରୀ ହୃଦୟ
ତେଣୁ ସିନା ନରେ ଅଟନ୍ତି ନାରୀ ଜାତି ଆଶ୍ରୟ ।
(ଗୋପବନ୍ଧୁ)

୪୧୧ । ଏ ମାୟା ସଂସାରେ ସକଳ ଅସାର
ଧର୍ମ ଏକା ସତ୍ୟ ଧନ
ନାରୀ ଧର୍ମ ମଧ୍ୟେ ସାର ସ୍ୱାମୀ ସେବା
ପାତିବ୍ରତ୍ୟ ସଂରକ୍ଷଣ । (ଚିନ୍ତାମଣି)

୪୧୨ । ଅବଳା ଜୀବନ ଗହନ ବିପଦ ପିଚ୍ଛିଳ
ଅଜ୍ଞାନ ତିମିରମୟ ପଡ଼ି ସିନା ତହିଁ ।
ପଥଦର୍ଶୀ ଊର୍ଦ୍ଧ୍ୱଶିଖ ଉଜ୍ଜ୍ୱଳ ପ୍ରଦୀପ
ପତି ବିନା ନାହିଁ ଗତି ରମଣୀ କୁଳର । (ଚିନ୍ତାମଣି)

୪୧୩ । ଅନ୍ଧାର ଆଲୋକ ମିଶେ ଯଥା ଗୋଧୂଳିରେ
ମିଶିଯାଏ ତରଙ୍ଗିଣୀ ଯଥା ପାରାବାରେ
ମିଶିଯାଏ ଲତା ଯଥା ପାଦପ ଅଙ୍ଗରେ
ହୀରକ ମିଶଇ ଯଥା କାଞ୍ଚନ ସଙ୍ଗରେ
ମିଶିଯିବୁ ପତି ପଦେ ପଡ଼ି ସେହିପରି
ସୁଖରେ ଦୁଃଖରେ ନିତି ନମ୍ର ସହଚରୀ । (କୁନ୍ତଳା କୁମାରୀ)

୪୧୪ । ପତି ମୋ ଆଭରଣ, ଧର୍ମ ଲାବଣ୍ୟ
ଇନ୍ଦ୍ରିୟ ସଂଯମନ ଅବଗୁଣ୍ଠନ ।
ସମୟ ଯାଏ ସ୍ୱାମୀ ସେବାର ପାଇଁ
ଶରୀର ମଣ୍ଡନକୁ ସମୟ କାହିଁ ?
ହୃଦୟ ଦୁର୍ଗେ ମୋର ଧର୍ମ ରକ୍ଷକ
ବିବେକ ପ୍ରହରୀ ମୋ ଜ୍ଞାନ ଆଲୋକ ।
ସାଧୁ ସାହସ ଅସ୍ତ୍ର ଲଜ୍ଜା ବସନ
ସ୍ୱାମୀ ସେବା ମୋ ବ୍ରତ ଅବଗୁଣ୍ଠନ । (ଫକୀରମୋହନ)

୪୧୫ । ସତୀତ୍ୱ ସ୍ୱର୍ଗୀୟ ବସ୍ତୁ ହେବ କିରେ ତୁଲ
କଷ୍ଟ ଯେବେ ପୃଥିବୀର ସର୍ବଧନ ଠୁଳ ?

× × ×

ସ୍ୱର୍ଗୀୟ ସତୀତ୍ୱ ଧନ ପୃଥିବୀ ଲୋକରେ
ବାହୁଡ଼ି ନ ଆସେ ଯେବେ ହଜିଯାଏ ଥରେ ।
(ଫକୀରମୋହନ)

profssmishra@gmail.com

୪୧୬ । ସତିତ୍ୱ ପରମ ଧନ ଯତ୍ନେ ରକ୍ଷାକର
ବର୍ତ୍ତମାନ ଏକମାତ୍ର ସମ୍ବଳ ତୋହର ।
ପିତୃକୁଳ ଶ୍ୱଶୁରକୁଳ ଉଦ୍ଧାର କାରଣେ
ମନ ଦେ ଗୋ, ନିୟମିତ ବ୍ରତ ଆଚରଣେ ।
(ଫକୀରମୋହନ)

୪୧୭ । ଗୁଣର ଗରିମା ଗଣିଥାନ୍ତି ଜ୍ଞାନୀ ନର;
ନାରୀଏ କରନ୍ତି ସିନା ରୂପର ଆଦର । (ଫକୀରମୋହନ)

୪୧୮ । ବିଧାତା ବିଚିତ୍ର ଚିତ୍ର ରମଣୀ ଶରୀର
ତହୁଁ ବଳି କିବା ଅଛି ଜଗତେ ରୁଚିର ।
ସଂସାର କଣ୍ଟକ ବନେ କୁସୁମିତ ଲତା
ମୂର୍ତ୍ତିମତୀ କିବା ପ୍ରଭୁଗଣେ ପବିତ୍ରତା ।
ତୃଷ୍ଣା ଦୂର କରେ ପୂତ ମନ୍ଦାକିନୀ ଜଳ
ଦୃଷ୍ଟିମାତ୍ରେ ନାରୀ ରୂପ ଜୀବନ ଶୀତଳ ।
× × ×
ଆଦ୍ୟାଶକ୍ତି ଠାରୁ ଏହି ଜଗତ ଉତ୍ପତ୍ତି
ଜଗତର ସାରଭୂତା ରମଣୀ ସମ୍ପତ୍ତି ।
× × ×
ପ୍ରତ୍ୟକ୍ଷ-ଦେବତା-ଶିଶୁ ପାଳନ୍ତି ଜନନୀ
ନାରୀ ଯୋଗେ ପରିପୂର୍ଣ୍ଣ ଜୀବରେ ଅବନୀ ।
ଯହିଁ ନାରୀ ତହିଁ ଲକ୍ଷ୍ମୀ ତହିଁ ସ୍ୱର୍ଗଧାମ ।
ଶ୍ମଶାନ ସେ ଗୃହ ଯହିଁ ନାହିଁ ନାରୀନାମ ।
ଏପରି ନାରୀକୁ ଯେବା କରେ ଅନାଦର
ନିର୍ବୋଧ ରାକ୍ଷସ ସେହି ପାଷଣ୍ଡ ପାମର (ଫକୀରମୋହନ)

୪୧୯ । ସ୍ୱାମୀ ଅଟେ ନାରୀଙ୍କର ପରମ ଦେବତା
ସନ୍ତୁଷ୍ଟ ରଖିବ ତାଙ୍କୁ ମାନି ତାଙ୍କ କଥା
କରୁଥିବ ତାଙ୍କ ସେବା
ସେହି ଗୁରୁ, ଇଷ୍ଟ, ପ୍ରଭୁ, ସେହି ଦେବୀ-ଦେବା । (ଲକ୍ଷ୍ମୀକାନ୍ତ)

profssmishra@gmail.com

ପିତା, ମାତା ଓ ପରିବାର

୪୨୦ । ପିତା ମାତା ପରି ଆଉ କେ ଅଛି ସଂସାରେ
ଧନ୍ୟ ସେ ଯେ ଦିଏ ପ୍ରାଣ ତାଙ୍କରି ସେବାରେ ।
ତାଙ୍କ ସ୍ନେହ ଉପକାର ଅତୁଳ୍ୟ ଜଗତେ
ଭକ୍ତି ଭରେ ଶିଶୁ ଗଣ ସୁମର ସତତେ ।
ଭାଇ ଭଉଣୀଙ୍କଠାରେ ସ୍ନେହ ଭାବ ବହି
ତୋଷିବ ତାହାଙ୍କୁ ସଦା ମିଷ୍ଟ କଥା କହି ।
କୁଟୁମ୍ବ ମଧ୍ୟରେ ଯେବା ଥିବେ ଗୁରୁଜନ
ସମସ୍ତଙ୍କୁ ସ୍ନେହଭକ୍ତି କର ଶିଶୁଗଣ ।
ପାଳିବ ଆନନ୍ଦେ ସଦା ଗୁରୁଜନ କଥା
କଦାପି କାହାରି ମନେ ଦେବନାହିଁ ବ୍ୟଥା ।
ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର । (ମଧୁସୂଦନ)

୪୨୧ । ପ୍ରତ୍ୟକ୍ଷ ଦେବତା ବୋଲି ମଣିବ
ହେ ଜନନୀ ଜନକେ
କରିବ ଦୁହିଁଙ୍କ ସେବା ପ୍ରାଣପଣେ
ବାଳିକା ବାଳକେ ।

× × ×

ଅଟନ୍ତି ପରମଗୁରୁ ପିତାମାତା
ଘେନ ଏହି ଦୀକ୍ଷା ।
ଆକାଶହୁଁ ବଡ଼ ପିତା, ମାତା ବଡ଼
ପୃଥିବୀ ଅପେକ୍ଷା । (ମଧୁସୂଦନ)

୪୨୨ । ପିତାମାତା ଗୁରୁଜନ ଦେବତା ସମାନ
ତାଙ୍କୁ ଭକ୍ତିଭରେ ସେବି ହେବି ସୁସନ୍ତାନ । (ମଧୁସୂଦନ)

୪୨୩ । ପିତାମାତା ଜୀବନରେ ପ୍ରତ୍ୟକ୍ଷ ଦେବତା
ଜୀବନ ସମ୍ବଳ, ସୁଖ ସମ୍ପଦ ବିଧାତା ।
ନିର୍ବିକାର ଚିତ୍ତେ ପୂର୍ଣ୍ଣ ଅମ୍ଳାନ ବଦନେ
ପାଳନ୍ତି ସନ୍ତାନେ ସେହୁ ପରମ ଯତନେ ।

× × ×

ପାଳନ୍ତି ଯେ ସ୍ନେହଭରେ ତାଙ୍କରି ଶ୍ରୀପଦେ
ରହୁ ମୋର ମତି ସଦା ସମ୍ପଦେ, ବିପଦେ ।
(ଗୋଦାବରୀଶ ମହାପାତ୍ର)

profssmishra@gmail.com

୪୨୪ । ଜନକ ଜନନୀ ଦୁହେଁ ପ୍ରତ୍ୟକ୍ଷ ଦେବତା
ଜଗତର ସର୍ବ ଧର୍ମଶାସ୍ତ୍ରେ ଏହି କଥା ।
ଜନ୍ମଦାତା ରକ୍ଷାକାରୀ ଜନନୀ, ଜନକ
ପ୍ରଭୁଙ୍କର ପ୍ରତିନିଧି ସ୍ୱରୂପ ପାଳକ ।
ପିତାମାତା ଆଜ୍ଞାବହ ନୁହେଁ ଯେ ତନୟ
ରାକ୍ଷସ ପିଶାଚଠାରୁ ଅଧମ ନିଶ୍ଚୟ । (ଫକୀରମୋହନ)

୪୨୫ । ପୂଜ୍ୟପାଦ ପିତାମାତା ଈଶ ପ୍ରତିନିଧି
ସନ୍ତାନ ସକାଶେ ସ୍ନେହ କରୁଣା ବାରିଧି ।
ଗୃହ ପରିବାରେ ସୁଖପୂର୍ଣ୍ଣ ଜଗତରେ
ନ ପାରଜି ଅନୁଭବୀ ଆତ୍ମ ଜୀବନରେ । (ଫକୀରମୋହନ)

୪୨୬ । ମାତାର ବଚନ ମେଣ୍ଟିଲେ ଆୟୁଷ ହୋଇ କ୍ଷୟେ
ପିତାର ବଚନ ଭଙ୍ଗିଲେ ଧର୍ମନାଶ ଯାଏ ।
ମାତାପିତା ବଚନ ଯେ ପୁତ୍ରକୁ ନିରାଧାର
ଏହା ଚିହ୍ନିଲେ ପିଣ୍ଡ ପ୍ରାଣ ଏକଇ ଶରୀର । (ସାରଳାଦାସ)

୪୨୭ । ପିତାମାତା କରିଛନ୍ତି ଶରୀର ପାଳନ
ଯାହାଙ୍କ ଦୟାରେ ରହିଅଛି ଏ ଜୀବନ
ତାଙ୍କ ପାଦରେ ଜୁହାର ;
ତାଙ୍କ ଋଣ ଶୁଝିବାକୁ ଶକତି କାହାର । (ଲକ୍ଷ୍ମୀକାନ୍ତ)

୪୨୮ । ସ୍ୱର୍ଗଠାରୁ ବଡ଼ ଜନ୍ମଭୂମି ଓ ଜନନୀ
ପୂଜିବି ତାହାଙ୍କୁ ନିତି ଠାକୁରାଣୀ ମଣି ।
ଦଶମାସ ଦଶଦିନ ଗରଭରେ ବହି
ମୋହପାଇଁ କେତେ ଦୁଃଖ'ଛନ୍ତି ମାତା ସହି ।
ମାତାଙ୍କ ଲହୁରେ ଗଢ଼ା ହେଲା ମୋର ଦେହ
ଲାଳନ ପାଳନ କଲେ କରି କେତେ ସ୍ନେହ ।

× ×

ମାତାଙ୍କ ମନରେ କେବେ ଦେବିନାହିଁ ଦୁଃଖ
ତାଙ୍କୁ କଷ୍ଟ ଦେଲେ ମୋତେ ଘଟିବ ନରକ ।
ମାତାଙ୍କ କଲ୍ୟାଣେ ସବୁ ହୁଅଇ ମଙ୍ଗଳ
କୋଟିଏ ଜୁହାର ମୋର ତାଙ୍କ ପାଦତଳ (ଲକ୍ଷ୍ମୀକାନ୍ତ)

୪୨୯ । ପିତାମାତା ଯେ ଅଟନ୍ତି ଜାଣ ସାକ୍ଷାତ ଦେବତା
ଭକ୍ତିଭାବେ ମାନିଥିବି ପିତାଙ୍କର କଥା ।

profssmishra@gmail.com

ପିତାଙ୍କ ଦେହରୁ ମୁହିଁ ହୋଇଛି ଜନମ
ଜଗତ ଭିତରେ କେହି ନାହିଁ ପିତା ସମ ।
ପିତା ରୋଷ କଲେ ହୁଏ ନାନା ଅମଙ୍ଗଳ
ପିତାଙ୍କ ସନ୍ତୋଷେ ମିଳେ ସବୁ ପୁଣ୍ୟ ଫଳ ।

× ×

ପିତାଙ୍କର ଆଜ୍ଞା ସଦା କରିବି ପାଳନ
ନିତି କରୁଥିବି ତାଙ୍କ ଚରଣ ବନ୍ଦନ ।
ପିତା ଧର୍ମ, ପିତା ସ୍ୱର୍ଗ, ପିତା ତପ,ଜପ,
ସଂସାରରେ ପିତା ଏକା ଈଶ୍ୱର ସ୍ୱରୂପ । (ଲକ୍ଷ୍ମୀକାନ୍ତ)

୪୩୦ । ମାଆର ସ୍ନେହ ଯେବେ ପୂରଣ
କରୁଥାନ୍ତା କେହି ଏ ଭବେ
କିମ୍ପାଇ ମାତୃହୀନ ବଦନେ
ଅଶ୍ରୁରେଖା ଫୁଟନ୍ତା ଲବେ । (ବିଦ୍ୟୁତ୍‌ପ୍ରଭା)

୪୩୧ । କୁପୁତ୍ର କୋଟିରେ କୁମାତା ଗୋଟିଏ
ସହଜେ ନ ମିଳେ ଭବେ,
ସନ୍ତାନ ଚିନ୍ତାରେ ପୂତ ମାତୃ ପ୍ରାଣ
ନିବେଦିତ ଲବେ ଲବେ ।
ମର୍ମଝର ରକ୍ତଧାର
ଢାଳିପାରେ ମାତା ସୁଖେ ହସି ହସି
କାହିଁ ତୁଳନା ତାହାର ?
ନିଃସ୍ୱାର୍ଥ ନୀରବ ପ୍ରେମ
ପ୍ରେମ ସାର ଯଥା ଧାତୁ ରାଜ୍ୟେ ସାର
ଶୁଦ୍ଧ ସୁନିର୍ମଳ ହେମ । (କୁନ୍ତଳାକୁମାରୀ)

୪୩୨ । ଅଗାଧ ଗଭୀର ପିତୃସ୍ନେହ, ଦେବି
ଅଗାଧ ଯେସନ ସିନ୍ଧୁ ,
ସନ୍ତତି ବୃଦ୍ଧିରେ ପିତୃସ୍ନେହ ବଢ଼େ
ସିନ୍ଧୁ ଦେଖି ପୂର୍ଣ୍ଣଇନ୍ଦୁ । (ଗୋପୀନାଥ)

୪୩୩ । ପରିବାର ମଧ୍ୟେ ଜଣେ ପଡ଼ିଲେ ବିପଦେ
ସମ୍ଭାଳି ନିଅନ୍ତି ଆଉମାନେ ପଦେ ପଦେ । (ଗଙ୍ଗାଧର)

୪୩୪ । କୁମାରଙ୍କ ନବ ପ୍ରଫୁଲ୍ଲ ରୂପ,
ମାତା ନେତ୍ର ମଣେ ରତନ ସ୍ତୂପ ।

profssmishra@gmail.com

ପୁତ୍ର ପରଶଂସା ମାତା ଶ୍ରବଣେ,
ପରିଣତ ହୁଏ ସୁଧା ସ୍ରବଣେ । (ଗଙ୍ଗାଧର)

୪୩୫ । ପିତାମାତା ସେନେହର କିବା ଅଛି ପଟାନ୍ତର
ସେ ଯେ ମହାସିନ୍ଧୁ ତାର କାହିଁ ଅବା ଥଳକୂଳ । (ପଦ୍ମଚରଣ)

୪୩୬ । ସେ ବେନିଙ୍କ ଋଣ ତନୟ ପକ୍ଷରେ
ଯେସନ ଅଗାଧ ସିନ୍ଧୁ
ଶତକଳ୍ପ ସେବା କଲେ-ସେ ଋଣରୁ
ସୁଝି ନୁହେଁ ଏକ ବିନ୍ଦୁ ।
ତାଙ୍କ ପଦେ ଯେହୁ ଆତ୍ମ ଗରିମାରେ
ନ କରେ ଭକ୍ତି ପ୍ରଣାମ
ଧିକ ସେ ମାନବ ଧିକ ତା ଜନମ
ଧିକ ତାର ପୁତ୍ର ନାମ (ଚିନ୍ତାମଣି)

୪୩୭ । ମାତୃ ସ୍ନେହ ସମ କି ଅଛି ସଂସାରେ
ଅଟେ ତା ସରଗ ସୁଧା
ଅନନ୍ତ ଅକ୍ଷୟ ଅମୃତ ଭଣ୍ଡାର
ପାନେ ନ ମେଣ୍ଟଇ କ୍ଷୁଧା । (ନନ୍ଦକିଶୋର)

୪୩୮ । ଦୁଃଖ ପାପେ ସର୍ବ ସାଂସାରିକ ପ୍ରୀତି
ଟାଣ ପଡ଼ିଯାଏ କ୍ଷଣା
କିନ୍ତୁ ମାତୃସ୍ନେହ ଦୋଷ ଗୁଣ ସମ
ନାହିଁ ତାହାର କଳନା । (ନନ୍ଦକିଶୋର)

୪୩୯ । ଯେ ପିତା ମାତା ନ ସେବନ୍ତି
ଅନ୍ୟାୟ କର୍ମ ଆଚରନ୍ତି । (ଭାଗବତ)

୪୪୦ । ତାତ ଜନନୀ ଉପକାର । ସୁଝି ପାରିବ କେ କୁମର ?
ଗର୍ଭେ ବହନ୍ତି ଦୁଃଖ ସହି । ପୁଣି ପାଳନ୍ତି କ୍ଷୀର ଦେଇ ॥
ସର୍ବ ସମ୍ପଦ ପୁଣ ଦେଇ । ତାହାର ପୋଷଣେ ବଞ୍ଚଇ ॥
ତାହାର ପ୍ରତି ଉପକାରେ । ଶତବରଷେ କେହୁ ପାରେ ?
(ଭାଗବତ)

profssmishra@gmail.com

ଅନିତ୍ୟତା

୪୪୧ । ମର୍ତ୍ତ୍ୟ ମଣ୍ଡଳେ ଦେହ ବହି
ଦେବତା ହୋଇଲେ ମରଇ । (ଭାଗବତ)

୪୪୨ । ଜାତ ଯେ ହୁଅଇ ସଂସାରେ
ମରଣ ଧ୍ରୁବଟି ତାହାରେ । (ଭାଗବତ)

୪୪୩ । ଦେହ ବହିଲେ ନିଶ୍ଚେ ମରି
ମରଣ ଛାରେ କିମ୍ପା ଡରି । (ଭାଗବତ)

୪୪୪ । ଦେହରେ ଜନ୍ମମୃତ୍ୟୁ ଦୁଇ
ବିଷ୍ଣୁ ମାୟାରେ ପ୍ରବର୍ତ୍ତଇ । (ଭାଗବତ)

୪୪୫ । ବୃକ୍ଷର ତଳେ ଯେହ୍ନେ ଆସି । ପଥିକ ବିଶ୍ରାମନ୍ତି ବସି ॥
ପୁଣି ଚଳନ୍ତି ଶ୍ରମ ଛାଡ଼ି । ସେ ବୃକ୍ଷ ନୁହଇ କାହାରି ॥
ତେମନ୍ତ ମାୟା ଏ ସଂସାର । କେ ପିତା କେ କାହା କୁମର ॥
(ଭାଗବତ)

୪୪୬ । କେହି ରହିନାହିଁ ରହିବ ନାହିଁଟି
ଭବରଙ୍ଗ ଭୂମିତଳେ
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳବଳେ । (ରାଧାନାଥ)

୪୪୭ । ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟ ଡୋରି
ନିଜ ଭାଗ୍ୟଡୋରି କାଳହସ୍ତେ ଏହା
ପକାନ୍ତି ହେଲେ ପାଶୋରି । (ରାଧାନାଥ)

୪୪୮ । ଏ ଜୀବ ନୁହଇ ସ୍ଥିର, ସ୍ଥିରଟି ମରଣ
ମାଟିର ଏ ଘଟ ନିଶ୍ଚେ, ମିଶିବ ମାଟିରେ । (ରାଧାନାଥ)

୪୪୯ । ବଡ଼ କ୍ରୂର କାଳ ବଡ଼ ଅବିଶ୍ୱାସୀ
ହାବୋଡ଼ି ଯିବ ସେ ଆଚମ୍ବିତେ ଆସି । (ରାଧାନାଥ)

୪୫୦ । ଦେବ ହେଲେ ସୁଦ୍ଧା ମୃତ୍ୟୁ ନିବାରଣେ ନାହିଁ ଶକତି
ଜୀବନ ଯାହାକୁ ବୋଲନ୍ତି ସେ ସିନା ମୃତ୍ୟୁକୁ ଗତି । (ରାଧାନାଥ)

୪୫୧ । ଜଣେ ଜଣେ ଗୋଟି ଗୋଟିଏ ସୁଆଙ୍ଗ
ଗ୍ଳିଯିବ ଭବଲୀଳା ହେଲେ ସାଙ୍ଗ

profssmishra@gmail.com

ସର୍ବେ ଯିବ ଭଇ ଉଭେଇ ଅଚିରେ
ବୁଦ୍‌ବୁଦ୍ ପରାୟେ ଏହି ନଦୀ ନୀରେ (ରାଧାନାଥ)

୪୫୨ । ଗଜ କଚ୍ଛପର କଳିପ୍ରାୟେ ମହା-
ଦମ୍ଭେ କରୁଥାନ୍ତି ଲୀଳା
ମନେ ନାହିଁ ଦିନେ କାଳ-ପକ୍ଷୀରାଜ
ଉପରୁ ମାରିବ ଚିଲ । (ରାଧାନାଥ)

୪୫୩ । ବଡ଼ କ୍ରୂରକାଳ ବଡ଼ ଅବିଶ୍ୱାସୀ
ହାବୋଡ଼ି ଯିବ ସେ ଆଚମ୍ବିତେ ଆସି ।
ଦୂରବର୍ତ୍ତୀ ଜାଣି କାଳକୁ ଯେ ହସେ
ହସି ସେ ତା ପଛେ ଆସି ଲୁଚି ବସେ । (ରାଧାନାଥ)

୪୫୪ । ଏ ଭବ ସାଗରେ ସର୍ବଗ୍ରାସୀ କାଳ
ବାତ୍ୟା ବହେ ଅବିରତ
ଏହା ଜାଣି ଲୋକେ କେଉଁ ଲାଭ ଆଶେ
କଳହେ ହୁଅନ୍ତି ରତ ? (ରାଧାନାଥ)

୪୫୫ । ଅଜ୍ଞାନେ କଳ୍ପନା ଉଦ୍ୟାନେ ଦାମ୍ଭିକ
ଗଢ଼େ ଆଶା କୁଞ୍ଜମାନ
ତା ଦେଖି ଅଲକ୍ଷ୍ୟେ ପାଖେ ପାଖେ ଥାଇ
ହସୁଥାଇ କାଳଗଣ । (ରାଧାନାଥ)

୪୫୬ । କାଳସ୍ରୋତେ ଭାଗ୍ୟବାୟୁ ବହେ ପୁଣ
ଛାର ନର ତହିଁ ପ୍ରପାତର ତୃଣ । (ରାଧାନାଥ)

୪୫୭ । ବୃଥା ଦମ୍ଭେ ମାତି ଦିଗ୍‌ବିଜୟୀ ବୀର
ଭ୍ରମୁଥାଇ ଦେଶେ ଦେଶେ
ଜେତା ବିଜେ ତାକୁ କରାଳ କୃତାନ୍ତ
ପେଶିଦିଏ ନିର୍ବିଶେଷେ । (ରାଧାନାଥ)

୪୫୮ । ଜନ୍ମମୃତ୍ୟୁ ଯେଉଁ ଗୁପ୍ତଦେଶେ
ହେଉଅଛି ସର୍ଜନା
ଥାଉ ଆନ ତହିଁ ପଶି ନ ପାରଇ
ଦେବ କଳ୍ପନା । (ରାଧାନାଥ)

୪୫୯ । ଅଳ୍ପଦିନ ସ୍ଥିତି ପାଇଁ ଭବତଟି
ଏଥିଲାଗି କିମ୍ପା ଏତେ କଟାକଟି ?

profssmishra@gmail.com

ମଣ ସିନା ଆପଣାକୁ ବଡ଼ କରି
ମାତ୍ର କଥା ବୃଷ ଦେହେ ମଶା ପରି ।
ମହୀରେ କାହାରି ପ୍ରବେଶ ପ୍ରୟାଣେ
ଓଜନ ଉଶ୍ବାସ ମହୀ ତ ନ ଜାଣେ ।

× × ×

କେତେଦିନ ଲାଗି ମର୍ତ୍ତ୍ୟେ ଅବା ଘର
ଏଥିଲାଗି କିମ୍ପା ଏତେ ଆଡ଼ମ୍ବର ?
ମର୍ତ୍ତ୍ୟେ ପଡ଼ି କାନ୍ଦି ଲୋଡ଼ ଦୁଧ ଥୋଡ଼ା
ଯିବାବେଳେ ଛଅଖଣ୍ଡି କାଠ ଲୋଡ଼ା । (ରାଧାନାଥ)

୪୬୦ । କାଳଠାରେ ନାହିଁ ଦୟା ମାୟା ଲେଶ
କରିଯାଏ ଚାଲି ନିଜ କାର୍ଯ୍ୟ ଶେଷ । (ଗୋପବନ୍ଧୁ)

୪୬୧ । କ୍ଷଣିକ ସଂସାରେ କ୍ଷଣକ ପାଇଁକି
ଆସିଲା ଯା ଥରେ ନ ଆସେ ଆଉ
ଥରେ ଯା ଆସିଛି ଥରକ ପାଇଁକି
ତା ପରେ ପଚାରେ କିଏ ତା ଭାଉ ?
ଆଜି କଥା ପୁଣି ନାହିଁ ତ କାଲିକି
ଘଡ଼ିକୁ ଘଡ଼ିଏ ହେଉଛି ଆନ
ଜଗତ ବେଭାର ବୁଝିବା କଠିନ
ସବୁ ଯିବ ଚାଲି, ଜାଣ ନଜାଣ ।
(ସଚ୍ଚି ରାଉତରାୟ)

୪୬୨ । ମଣିଷ ଜନମ ପାଇ ଏ ଜଗତେ
କିଏ ଏଡ଼ି ଦେବ ନିୟତି ଧାରା
ଆସିବା ଯିବା ତ ଲାଗିଥିବ ଭବେ
ମଣିଷ ସହିବ ଶୋକର ଜାଳା । (ଗଡ଼ନାୟକ)

୪୬୩ । ସୃଜି ପୁରୁଷ ରତ୍ନ ଭୁବନର ଭୂଷଣ
ଅଶେଷ ଗୁଣର ଯେ ଆକର
ନ ଦେଇ ଆୟୁଚିର କରଇ ନାଶଶୀଳ
ଧନ୍ୟ ଏ ବିଧାତାର ବିଚାର ।
(ନୀତିଶତକ—ଭର୍ତ୍ତୃହରି ଅନୁବାଦ)

profssmishra@gmail.com

୪୬୪ । ଆୟୁ ଯେ ପରିମିତ ବରଷ ଶତ
ଅର୍ଦ୍ଧ ସମୟ ତହୁଁ ଶୟନେ ଗତ ।
ବାଲ୍ୟ ସମୟ ଆଉ ବୃଦ୍ଧ ବୟସ
ବାକି ଅର୍ଦ୍ଧରୁ ଅଧେ କରଇ ଶେଷ ।
ଅବଶିଷ୍ଟ ଜୀବନକାଳ ଯେ ରହେ
ବ୍ୟାଧି ବିରହ ଦୁଃଖ ସେବାରେ ଯାଏ ।
ସୁଖ ମିଳିବ କାହୁଁ ସୁଖରେ ଖୋଜ
ଚଳୋର୍ମି ଚପଳ ଏ ଜୀବନ ହେଜ ।

(ବୈରାଗ୍ୟ ଶତକ)

୪୬୫ । କ୍ଷଣକେ ବାଳକ ଯେ କ୍ଷଣକେ ଯୁବା କାମରସିକ
କ୍ଷଣକେ ଧନହୀନ ପୁଣି ବିଭବବାନ ଧନିକ ।
ଜରା ଛୁଇଁ ଇ ତନୁ ଶିଥିଳ ଅବୟବ ସକଳ
ଶରୀର ଶିରେମାନେ ବିଷମ ରୂପଧରେ ବିକଳ ।
ଆସେ ଅନ୍ତିମ କାଳ ଏସନ ଅଭିନେତା ବେଶରେ ।
ମୃତ୍ୟୁର ଯବନିକା ପାରେ ମିଶଇ ଜନ ଶେଷରେ ।

(ବୈରାଗ୍ୟ ଶତକ)

୪୬୬ । କି ଫଳ ତେବେ ଏ ବୃଥା ଆସ୍ଫାଳନ
ଅଭିମାନ-ସ୍ଫୀତ ବକ୍ଷ ପ୍ରସାରଣ
କି ଧନ ସମ୍ମାନ କି ଗୁଣ ଗୌରବ
ସବୁରିତ କାଳହସ୍ତେ ପରାଭବ (ମୃତ୍ୟୁଞ୍ଜୟ ରଥ)

୪୬୭ । ମୃତ୍ୟୁ କୃଷ୍ଣଛାୟା ଆବୋରିଛି ଏ ଜଗତ
ଯମ କୋଳେ ନିଏ ପୁତ୍ର କନ୍ୟା ଶତଶତ । (ପଦ୍ମଚରଣ)

୪୬୮ । ଆଲୋକ ମିଶଇ ଯେହ୍ନେ ଗଭୀର ଅନ୍ଧାରେ
ମାନବ ହରଏ ସବୁ ମୃତ୍ୟୁ ପାରାବାରେ । (ପଦ୍ମଚରଣ)

୪୬୯ । ଧନ ମାନ ଯଶ ଅନିତ୍ୟ ସଂସାର
କାଳ କବଳିତ ସର୍ବେ
କୁବେର ଭିକାରୀ ନୃପ ନରଧମ
ଶ୍ମଶାନ ଦହୁଛି ସମାନେ ଶମନ
'ମୁ ଚିର ଶାଶ୍ୱତ ଅଜର ଅମର'
କେ କହିପାରିବ ଗର୍ବେ ?।

(ଗୋଦାବରୀଶ ମିଶ୍ର)

profssmishra@gmail.com

୪୭୦ । ମର୍ତ୍ତ୍ୟ ମଣ୍ଡଳରେ ଜନମିଲେ ଦିନେ
ଅବଶ୍ୟ ଅଛି ମରଣ
ସର୍ବଗ୍ରାସୀ କାଳ ପ୍ରତି ନିମିଷରେ
କରୁଛି ଆୟୁ ହରଣ । (ଗଙ୍ଗାଧର)

୪୭୧ । ଚିରସ୍ଥାୟୀ ନୁହେଁ ଶରୀର-ପାଦପ
ଭବ ତରଙ୍ଗିଣୀ ତୀରେ
ପ୍ରାଣମୂଳ-ମାଟି ଧୌତ ହୋଇଗଲେ
ଭସିଯାଏ କାଳନୀରେ । (ଗଙ୍ଗାଧର)

୪୭୨ । କେହିତ କାହାରି ନୁହନ୍ତି ସ୍ୱଜନ
ମାୟାମୟ ଭବ-ହାଟେ
ଆପଣା ଆପଣା କଉଡ଼ି ସରିଲେ
ଫେରୁଛନ୍ତି ନିଜ ବାଟେ । (ଗଙ୍ଗାଧର)

୪୭୩ । ଆଜି କଥା କାଲି ଅନ୍ତରତ ପୁଣି
ମୁହୂର୍ତ୍ତେ ମୁହୂର୍ତ୍ତେ ଭେଦ
ନଶ୍ୱର ବିଶ୍ୱର ଏ ଅସ୍ଥିର ଭବ
ମନେ ଦିଏ ଘୋର ଖେଦ । (ନନ୍ଦକିଶୋର)

୪୭୪ । କ୍ଷଣିକ ଜୀବନ କ୍ଷଣିକ ଯୌବନ
କ୍ଷଣିକ ଏ ଧନ-ଜନ
ନଶ୍ୱର ଜଗତ ଲୀଳା କର ମାତ
ସ୍ଥିର କରି ଆତ୍ମା ମନ । (ନନ୍ଦକିଶୋର)

୪୭୫ । ନଶ୍ୱର ଦେହରେ ଯୌବନ କୁସୁମ
ଫୁଟି ଦୁଇଦିନେ ଝଡ଼େ
ଗୋଡ଼ରେ ଆଡ଼େଇ ଦିଏ ତା' ସଂସାରେ
ଖତକୁଢ଼େ ତାହା ପଡ଼େ । (ନନ୍ଦକିଶୋର)

୪୭୬ । ଚିରସ୍ଥାୟୀ ନୁହେଁ କିଛି ସକଳ ଅସ୍ଥିର
ଜୀବନ ଯୌବନ ଧନ ପଦ୍ମପତ୍ର ନୀର ।
ରଜା, ପ୍ରଜା, ମୂର୍ଖ, ଦୁଃଖୀ ଜ୍ଞାନୀ ଧନବାନ
ନିଷ୍ଠୁର ଶମନ ଦ୍ୱାରେ ସରବେ ସମାନ । (ମଧୁସୂଦନ)

profssmishra@gmail.com

୪୭୭ । ସ୍ୱପ୍ନ ସମ ନିଦ୍ରା-ପାରବାରେ
କ୍ଷଣକେ ହୁଅଇ ଲୀନ ଗର୍ବ ଦମ୍ଭ ଅଭିମାନ
ସଂସାରର ଆଡ଼ମ୍ବର ବୁଦବୁଦ ଆକାରେ
ସକଳ ଗ୍ରାସଇ କାଳମୁଖ ନିର୍ବନ୍ଧରେ ।

× ×

ଜଗତର ଲୋଚନ ନନ୍ଦନ
ଯୁବତୀର ରକ୍ତାଧର ରମ୍ୟ ଜ୍ୟୋତି ନୟନର
ସ୍ୱର୍ଣ୍ଣ ଘନ ସମ ବକ୍ଷ, ସ୍ୱଚ୍ଛ ପଦ୍ମାନନ
ଇନ୍ଦ୍ରଧନୁ ଶୋଭା ସମ ପଳାନ୍ତି ବହନ ।
ଯୁବକର ତେଜ ବୀର୍ଯ୍ୟ ବଳ
ପ୍ରୌଢର ଚତୁର ଜ୍ଞାନ ସୁକୌଶଳ କାର୍ଯ୍ୟମାନ
କାଳର ପ୍ରଭବେ ଦିନେ ହୋଇବ ବିଫଳ
କିସ ଏ ଜଗତେ କହ ସ୍ଥିର ଅଚଞ୍ଚଳ ।
ଧନ ମାନ ଯଶ ଆଦି ଯାହା
ଭାଗ୍ୟଦେବୀ ପ୍ରସାଦରେ ଏ ଭବେ ଲଭନ୍ତି ନରେ
କାଳଚକ୍ର ଆବର୍ତ୍ତନେ କି ବେଗରେ ଆହା
ପଳାନ୍ତିରେ ଅନୁସରି ନିଜ ନିଜ ଗହା !

× ×

ଧୂଳିର ଏ ମର କଳେବର
ଅହୋ ମାନବ-ଜୀବନ କି ଅଦ୍ଭୁତ ଉଦ୍ଭାବନ
ବିରଜେ ଅମର ଆତ୍ମା ଦିବ୍ୟ ସୌନ୍ଦର୍ଯ୍ୟରେ
କମଳ ଶୋଭଇ ଯଥା ପଙ୍କମୟ ସରେ । (ମଧୁସୂଦନ)

୪୭୮ । ମରଣ ମରଣ ବଡ଼ ଭୟଙ୍କର କଥା
କାଟିଦେବ ଜଗତର ସମ୍ପର୍କ ମମତା
ଆଜନ୍ମ ସଞ୍ଚିତ କଷ୍ଟ ଉପାର୍ଜିତ ଧନ
ହେବ ସର୍ବ ବୃଥା କଲେ ମୁଦ୍ରିତ ନୟନ ।
(ଫକୀରମୋହନ)

୪୭୯ । ଜନ୍ମିଲେ ମରଣ ବିଧିର ବିଧାନ
କାହାକୁ ନ ଅଛି ଜଣା ?
ଯାଇଛି ଯା ଛାଡ଼ି ନ ଆସେ ବାହୁଡ଼ି
ବୃଥା କିମ୍ପାଇଁ ଶୋଚନା । (ଫକୀରମୋହନ)

profssmishra@gmail.com

୪୮୦ ।
ମୃତ୍ୟୁ ପାଶରେ ବନ୍ଧା ସର୍ବେ
ଅଜ ଯେସନେ ଯୁପସ୍ତମ୍ଭେ
ଯେ ଏହା ନ ପାରଇ ଜାଣି
କିପରି ବୋଲ ତାକୁ ଜ୍ଞାନୀ ।

୪୮୧ ।
ଜନ୍ମମୃତ୍ୟୁ ଧର୍ମାଧୀନ ମାନବ ସକଳେ
ଜନମି କେ ଚିରଦିନ ଥିବ ଧରାତଳେ
ପଶୁପକ୍ଷୀ ବୃକ୍ଷଲତା ମାନବ ସମସ୍ତେ
ଅବିରତେ ଭାସି ଯାଉଛନ୍ତି କାଳସ୍ରୋତେ ।
(ଫକୀରମୋହନ)

୪୮୨ ।
ଜୀବ ରଙ୍ଗାଳୟେ କରି ଅଭିନୟ
ହେଉଛନ୍ତି କାଳ କବଳେ ବିଲୟ । (ଫକୀରମୋହନ)

୪୮୩ ।
ଅସାର ସଂସାରେ ସୁଖ ସମ୍ଭୋଗ ଉନ୍ମତ୍ତ
ମହାସ୍ରୋତେ ଭସମାନ ଭବିନାହିଁ ଚିତ୍ତ । (ଫକୀରମୋହନ)

୪୮୪ ।
ରାଜା ମହାରାଜା, ଭିକ୍ଷୁକ ଜ୍ଞାନୀ
ସାହୁ ବ୍ୟବସାୟୀ, କୃପଣ ଦାନୀ ।
ବାଳବୃଦ୍ଧ କିମ୍ବା ଯୁବା ଯୁବତୀ
ସମସ୍ତଙ୍କ ଏଥି ସମାନ ଗତି (ଫକୀରମୋହନ)

୪୮୫ ।
କାହିଁ ସେ ରାଜତ୍ୱ ଏବେ ରତ୍ନ-ସିଂହାସନ
କାହାନ୍ତି ସେମାନେ କାହିଁଗଲେ ସେନାଗଣ ।
ନାହିଁ ନାହିଁ ସେମାନଙ୍କ ଆଧିପତ୍ୟ ଚିହ୍ନ
ପୃଥିବୀ କମ୍ପାଇ ଥିଲେ ମାତ୍ର କେତେଦିନ ।
(ଫକୀରମୋହନ)

୪୮୬ ।
ଅଯୋଧ୍ୟା ମଥୁରାପୁରୀ ଯାଇଛି ବିନାଶ
ଯଦୁବଂଶ ରଘୁବଂଶ ମଧ୍ୟ ଗଲେ ନାଶ ।
ଜଗତ ମଧ୍ୟରେ ଭାଇ କିଛି ନୁହେଁ ଚିର
ଏହି କଥା ମନେ ଭାଳି ବୁଦ୍ଧି ସ୍ଥିର କର । (ଫକୀରମୋହନ)

୪୮୭ ।
ପଥେ ପଥିକୀ ଜନ ପ୍ରାୟେ । ଏ ଭବେ କିଛି ସ୍ଥିର ନୁହେଁ ।।
ପୂର୍ବ ଜନ୍ମର କର୍ମ ଫଳେ । ପ୍ରାଣୀଏ ମିଳନ୍ତି ସଂସାରେ ।।
(ଭାଗବତ)

୪୮୮ ।
ଜନ୍ମହେଲେ ଲୋକର ହୁଅଇ ମରଣ
ଏଥିକି କେତେ ତୁମ୍ଭେ କରୁଛ ଶୋଚନ ।

profssmishra@gmail.com

ଉଚ୍ଚରେ ଥିଲେ ଲୋକ ନୀଚକୁ ଆସଇ
ସମ୍ପତ୍ତି ହୋଇଥିଲେ ବିପତ୍ତି ଲଭଇ
ଜୀବନ ଶେଷେ ମୃତ୍ୟୁ ସୁଖ ପଛେ ଦୁଃଖ
ଘଟୁଛି ସଂସାରେ ନିୟମ ନର ଶିଖ । (ମହାଭାରତ, ଶାନ୍ତିପର୍ବ)

କାପୁରୁଷ

୪୮୯ । କାପୁରୁଷଗଣ,
ମରନ୍ତି ସେ ବାରମ୍ବାର ନ ହେଉ ମରଣ ।
ଯେ ସାହସୀ ବୀରେ
ମୃତ୍ୟୁର ଆସ୍ୱାଦ ମାତ୍ର ଲଭନ୍ତି ସେ ଥରେ ।
ଶୁଣିଅଛି ବହୁକଥା ଆଶ୍ଚର୍ଯ୍ୟଜନିତ
ମାତ୍ର ଏ ଗୋଟିଏ ମୋତେ କରେ ଆଚମ୍ବିତ ।
ମରଣ ଯେ ଜୀବନର ଅନ୍ତିମ ଅଧ୍ୟାୟ
ଆଜି ହେଉ କାଲି ହେଉ ଆସିବ ନିଶ୍ଚୟ;
(ମାତ୍ର) ଜାଣି ତାହା ଲୋକେ
ଭୟଭୀତ ପଗଣ ଆତଙ୍କେ । (ପୌରୁଷ, ମାର୍ଚ୍ଚ ୧୯୬୮)

୪୯୦ । କାତରତା ସିନା କାପୁରୁଷପଣ
ବୀର ମାରେ ଅବା ମରେ କରି ରଣ ।
ପଛଘୁଞ୍ଚା ନାହିଁ ବୀରର ଜାତକେ
ନ ମରେ ସେ କେବେଁ ପଗଣ ଆତଙ୍କେ । (ଗୋପବନ୍ଧୁ)

୪୯୧ । ଚେଷ୍ଟା କରି ଯଶଧନ ଅର୍ଜଇ ବିଦୁଷ
ବସିଥାଏ ଅଦୃଷ୍ଟକୁ ଚାହିଁ କାପୁରୁଷ । (ଚିନ୍ତାମଣି)

୪୯୨ । ଲାଭ ଆଶେ ଯେଉଁ ଭୀରୁ କ୍ଳୀବ ଜନ
ସହେ ଧନୀ ଅପମାନ
ସେ ହୀନ ପକ୍ଷରେ ବଞ୍ଚିଥିବା ଠାରୁ
ଶ୍ରେୟସ୍କର ଯିବା ପ୍ରାଣ (ନନ୍ଦକିଶୋର)

profssmishra@gmail.com

୪୯୩ । ଭୀରୁତା ଯେ, ସେହି ସିନା ବଂଶର ମରଣ
ଭୀରୁ ଭବ ବହି ତୁମ୍ଭେ ମୃତ ଏ ଜଗତେ,
ଶୁଣିଛ କି କେହି କେବେ ମୃତର ଯନ୍ତ୍ରଣା ?
(ଗଧାନାଥ)

୪୯୪ । କ୍ଷତ୍ରିକୁଳେ ଜନ୍ମି କାପୁରୁଷଗଣେ
ଜୀଇଁଲେ ଜୀବିତ ଯେବେ,
କହ ଭବେ ଆଉ ଜୀବନ୍ମୃତ ବୋଲି
କାହାକୁ କହନ୍ତି ତେବେ । (ଗଙ୍ଗାଧର)

ଭୟ ଓ ଭ୍ରାନ୍ତି

୪୯୫ । ଜୀବଜନ୍ତୁ ଯେତେକ ମୃତ୍ୟୁକୁ ଥାନ୍ତି ଡରି
ଶୀତକୁ ଦରିଦ୍ର ଲୋକ ମହାଭୟ କରି ।
ବଜ୍ରକୁ ଡରଇ ଗିରି ପର୍ବତ ଯେତେକ
ରଜାକୁ ଡରଇ ପାର୍ଥ ଧନବନ୍ତ ଲୋକ ।
ବ୍ୟାଧିକି ଡରଇ ଦେହ, ଔଷଧିକି ବ୍ୟାଧି
ଲୁହାକୁ ଅନଳ ଭଇ, କାଠକୁ ଯେ ବାଦୀ ।
ମୂର୍ଖକୁ ଡରଇ ଭଷା, ଶିଷ୍ୟ ଭୟ ଗୁରୁ
ପାଣିକୁ ଡରଇ ମେଷ, ବତାସକୁ ତରୁ ।
ସର୍ପକୁ ଦେଖିଲେ ଯେ ମଣ୍ଡୂକୀ ପାଏ ଭୟ
ନାମକୁ ଡରଇ ପାପ ଶୁଣ ଧନଞ୍ଜୟ । (ନାମରତ୍ନଗୀତା)

୪୯୬ । ଅଜ୍ଞାନେ ଏ ଘୋର ସଂସାରେ । ଜୀବ ଭ୍ରମଇ ଅହଙ୍କାରେ ।।
ଦୁଃଖ ଲଭଇ ବାରେ ବାରେ । ଆତ୍ମାର ଗତି ନ ବିଚାରେ ।।
(ଭାଗବତ)

୪୯୭ । ପାଦପର ଭୟ ବାୟୁ, ପଦ୍ମର ଶିଶିର
ପର୍ବତର ଭୟ ବଜ୍ର, ମରଣ ପ୍ରାଣୀର । (ଚିନ୍ତାମଣି)

୪୯୮ । ଆହା କି ଭ୍ରାନ୍ତିରେ ପୂର୍ଣ୍ଣ ଜଗତ
କିପାଇଁ ସଂସାରୀ ଏତେ ଉଛତ ! (ନନ୍ଦକିଶୋର)

profssmishra@gmail.com

ଭୟ ଓ ଭ୍ରାନ୍ତି

୪୯୯ ।　ନ ହୁଅ ବିପତ୍ତିବେଳେ କାତର
ନ କର ସମ୍ପତ୍ତିବେଳେ ଗ୍ରତର　(ନନ୍ଦକିଶୋର)

୫୦୦ ।　ଭୀତ ମାନବକୁ　ହିତ ହିଁ ଅହିତ
ବୋଧ ହୋଇଥାଏ ସଦା
ବନପ୍ରିୟଧ୍ୱନି　ପ୍ରେତବାଣୀରୂପେ
ହୁଏ ତା ଚମକପ୍ରଦା ।　(ଗଙ୍ଗାଧର)

୫୦୧ ।　ନିକଟକୁ ଭୟ ନ ଆସିବା ଯାଏ
ଥିବ ସିନା ତାକୁ ଡରି
ଭୟ ଆସିଗଲେ ନିକଟେ ସହସା
ପ୍ରତିକାର ତାର କରି ।　(ବିଶ୍ୱନାଥ କର)

୫୦୨ ।　ତ୍ରାସେ ହେଉଥାଇ ଚିତ୍ତବୃତ୍ତି ଲୋଳ
ଭଜୁଥାଇ ପାଣ୍ଡୁଭବକୁ କପୋଳ ।　(ରାଧାନାଥ)

୫୦୩ ।　ସବୁ କଥାରେ ଯେ ଡରେ
ଜନମଟା ତାର ଅକାରଣ, ସେହି
ଜୀଇଁ ଥାଉଁ ଥାଉଁ ମରେ ।　(ଲକ୍ଷ୍ମୀକାନ୍ତ)

୫୦୪ ।　ଭରମେ ପଡ଼ିଲି ସତବୋଲି ମଣି
ଗୋଡ଼ାଇ ଗଲି ଛାଇକି
ଧରୁ ଧରୁ ହାତୁ ଉଭଇ ଗଲା ସେ
ଭଳୁଆ ହେଲି ଗୁହିଁକି ।　(ଲକ୍ଷ୍ମୀକାନ୍ତ)

୫୦୫ ।　ବିପଦକୁ କରନାହିଁ ଖାତର
ବିପଦରେ ହେବୁ ନାହିଁ କାତର
ଦମ୍ଭ ହୋଇଥିବୁ ରହି
ସଂସାର ଭିତରେ　ଘର କରିଥିଲେ
ପଥର ପଡ଼ିଲେ ସହି ।　(ଲକ୍ଷ୍ମୀକାନ୍ତ)

---

profssmishra@gmail.com

ପାପ ଓ ପାପୀ

୫୦୬ । ଯଜ୍ଞ ତୀର୍ଥ କଲେ ଯେବେ ପାପ ଛାଡ଼ୁଥାନ୍ତା
କ୍ଷୀରେ ଧୋଇଲେ ଅଙ୍ଗାର ଶୁକ୍ଳ କି ନୁହନ୍ତା ।
(ନୃସିଂହ ପୁରାଣ)

୫୦୭ । ଯେ, ନିରପରାଧୀ ବ୍ୟକ୍ତିକୁ ପୀଡ଼ା ଦିଏ
ସେ ଦୁଷ୍ଟାତ୍ମା ମହାପାପୀ ବୋଲି ଗଣାଯାଏ ।
ମୂଢ଼ପଣେ ମିଥ୍ୟାସାକ୍ଷୀ ହୁଏ ଯେଉଁ ଜନ
ଇହେ ନଷ୍ଟ ଯାଏ ତାର ପୁତ୍ର, ନାତି, ଧନ ।

× × ×

ପାପୀଙ୍କର ପାପକୁ ଯେ ଆଲୋଚନା କରେ
ସେ ପାପୀ ହୁଅଇ ଜାଣ ତାହାରି ସଙ୍ଗରେ ।
ବୃଥାରେ ପରକୁ ନିନ୍ଦା କରେ ଯେଉଁ ଲୋକ
ଦେହ ଛାଡ଼ିଗଲେ ସେହୁ ଭୁଞ୍ଜଇ ନରକ ।
ନ୍ୟାୟ, ଧର୍ମ ବିଗ୍ରର ଯେ ପକ୍ଷପାତ କରେ
ତାହାର ନିଷ୍କୃତି ନାହିଁ କୌଣସ ପ୍ରକାରେ ।
ପରଧନ ହରି ଯେହୁ ଅପରକୁ ଦିଏ
ପାପ ଭୋଗ ପାଇଁ ସେହୁ ନର୍କଗାମୀ ହୁଏ ।

× × ×

ଗ୍ରାମ ଧ୍ୱଂସ କରେ ଯେହୁ ଅବିବେକୀ ଜନ
କହିବା ତାହାର ପାପ ଶୁଣ ହେ ରାଜନ
ଶତକୋଟି ଜନମରେ ତାର ପାପ ଫଳ
ସବୁ କହିବାକୁ ଜାଣ ନାହିଁ ମୋର ବଳ ।
(ନାରଦୀୟ ପୁରାଣ)

୫୦୮ । ଦୁଃଖିତ ଜନ୍ତୁମାନଙ୍କୁ ଦେଖିଣ
ଯେ ଲୋକ ଦୁଃଖୀ ନୁହଇ ଆପଣ
ଆପଣାର ସୁଖକୁ ଯେ ବାଞ୍ଛଇ
ତାହାଠାରୁ ବଳି ପାପୀ ନାହିଁ ।
(ବୃହତ୍ ଇତିହାସ ପୁରାଣ)

profssmishra@gmail.com

୫୦୯ । ପାପ କରିଲେ ଯେବେ ଧନ ବୃଦ୍ଧି ହେବ
ଜାଣିବା ଜନ ତାହା କେବେ ନ କରିବ ।
ପାପ କର୍ମ ସକାଶୁଁ ସବୁ କର୍ମ ଯାଏ
ଘରକରି ନରକକୁଟି ଅରଢାଏ । (ମହାଭାରତ, ଶାନ୍ତିପର୍ବ)

୫୧୦ । ପାପକାରୀ ଲୋକ ସଙ୍ଗତେ ନ ଭୁଞ୍ଜିବ
ଏ ବାହାରେ ତାକୁ ବନ୍ଧୁ ନ କରିବ ।
ପାପୀ ଲୋକ ସଙ୍ଗେ ବର୍ଷେ କଲେ ସଙ୍ଗ
କରଏ ଦେହଟିକୁ ନରକକୁ ଭୋଗ ।
ପାପୀ ଲୋକମାନଙ୍କର ଇହ ପର ଦୁଇ
ସ୍ଥାନରେ ସୁଖ ଅଛି ଶାସ୍ତ୍ର କହିନାହିଁ । (ମହାଭାରତ, ଶାନ୍ତିପର୍ବ)

୫୧୧ । ସେ ନୁହେଁ ଭବଜଳୁ ପାର । ଆତ୍ମା ନିନ୍ଦିତ ଦୁରାଚାର ।।
ଉଭୟ ଲୋକ ତାର ନାଶ । ଜନେ କରନ୍ତି ଉପହାସ ।।
କେହି ନ କରେ ତାର ରକ୍ଷା । ବିନାଶ ହେତୁ ତାର ଦୀକ୍ଷା ।।
(ଭାଗବତ)

୫୧୨ । ପାପର ମଧ୍ୟରେ ପ୍ରମାଦ । ସ୍ତ୍ରୀ ଗର୍ଭିଣୀ ଶିଶୁବଧ ।।
ଏ ତିନି କର୍ମ ଯେ କରନ୍ତି । ଜୀବନ ଥାଉଁ ସେ ମରନ୍ତି ।।
ଜୀବନ ଛାଡ଼ିବାର ବେଳେ । ନିନ୍ଦିତ ବୋଲନ୍ତି ସକଳେ ।।
ଇହ ଲୋକରେ ଅପଯଶ । ମଲେ ନରକେ ପରବେଶ ।।
(ଭାଗବତ)

୫୧୩ । ପୂର୍ବର ପାପ ଯେ ନ ସ୍ମରେ । ତା ପ୍ରତିକାର ଯେ ନ କରେ ।।
ଦିନ ବଞ୍ଚଇ ଦୁଃଖେ ସୁଖେ । ଅନ୍ତେ ସେ ପଡ଼ଇ ନରକେ ।।
(ଭାଗବତ)

୫୧୪ । ପାପର ଉଚ ॰ ଦଣ୍ଡ ପାଇ ଦୁଷ୍ଟ
ନ ଛାଡ଼େ ନିଜ ଦୁର୍ମତି
ପ୍ରବଳ ଲାଞ୍ଛଣା ସହି ସେ ଦୁର୍ବଳେ
ଗଞ୍ଜେ ଏ ସଂସାରଗତି । (ନନ୍ଦକିଶୋର)

୫୧୫ । ମହତ ଜନର ନିନ୍ଦା ଯେ କରେ
ପାପର ଭାଗୀ
ମହତ ଜନର ନିନ୍ଦା ଯେ ଶୁଣେ
ପାପୀତ ହୁଏ ସେ ସେଇଥି ଲାଗି । (ଗଡ଼ନାୟକ)

———

profssmishra@gmail.com

ନିଜ ସମ୍ବନ୍ଧରେ ପଦେ

କଟକ ଜିଲ୍ଲା ଛତିଆ ଗ୍ରାମରେ ୧୯୪୨ ମସିହାରେ ଜନ୍ମ । ୧୯୬୩ ମସିହାରେ ବୁର୍ଲାରୁ ଇଞ୍ଜିନିୟରିଂ ପାସ କରି ଓଡ଼ିଶା ସରକାରଙ୍କ ଅଧୀନରେ ସହକାରୀ ଯନ୍ତ୍ରୀ ଭାବରେ ଯୋଗଦାନ । ୧୯୭୬ ମସିହାରେ ରୁଡ଼କୀ ବିଶ୍ୱବିଦ୍ୟାଳୟରୁ ଉପାଧ୍ୟୋତ୍ତର ଶିକ୍ଷାଲାଭ । ୧୯୭୯ ମସିହାରେ ନିର୍ବାହୀଯନ୍ତ୍ରୀ ପଦକୁ ଉନ୍ନୀତ । ୧୯୮୨ ମସିହାରେ ଭାରତ ସରକାରଙ୍କଦ୍ୱାରା ମନୋନୀତ ହୋଇ ଆମେରିକା, ଦକ୍ଷିଣକୋରିଆ, ଫ୍ରାନ୍ସ, ମରେକୋ, ଜାପାନ, ଇଂଲଣ୍ଡ, ସୁଇଜରଲାଣ୍ଡ ଓ ରୋମ ପ୍ରଭୃତି ଦେଶ ପରିଦର୍ଶନ ।

ପାରାଦ୍ୱୀପ ବନ୍ଦର, ରେଙ୍ଗାଲିବନ୍ଧ, ଉପର ଇନ୍ଦ୍ରାବତୀ ଯୋଜନା, ସମଲ ବ୍ୟାରେଜ ଓ ମହାନଦୀ ବ୍ୟାରେଜ ପ୍ରଭୃତିର ନିର୍ମାଣକାର୍ଯ୍ୟରେ ଅଙ୍ଗାଙ୍ଗୀ ଭାବେ ସଂଶ୍ଳିଷ୍ଟ । ବର୍ତ୍ତମାନ ମହାନଦୀ ଚିତ୍ରୋପଳା ଦ୍ୱୀପାଞ୍ଚଳ ପ୍ରକଳ୍ପର ନିର୍ବାହୀଯନ୍ତ୍ରୀ ଭାବରେ କଟକରେ ଅବସ୍ଥାପିତ । ୧୯୭୮ ମସିହାରେ ପ୍ରକାଶିତ ଅନୁବାଦ ପୁସ୍ତକ "ଭାରତୀୟ-କରଣ" ।

---

profssmishra@gmail.com